بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସାପ୍ତାହିକ ବଦର
Weekly BADAR Qadian
କାଦିଆନ
Odia

ସଂଖ୍ୟା 45

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

07 ନଭେମ୍ବର 2019 | 07 ନବୁଓ୍ୱତ୍ 1398 ହି.ଶ | 09 ରବିଉଲ୍ ଅଓ୍ୱଲ୍ 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

رَبَّنَا اغۡفِرۡ لَنَا ذُنُوۡبَنَا وَاِسۡرَافَنَا
فِیۡۤ اَمۡرِنَا وَثَبِّتۡ اَقۡدَامَنَا وَانۡصُرۡنَا عَلَی
الۡقَوۡمِ الۡکٰفِرِیۡنَ (آل عمران:148)

ଅନୁବାଦ- ହେ ଆମମାନଙ୍କର ପାଳନକର୍ତା ! ଆମମାନଙ୍କର ତ୍ରୁଟିଗୁଡ଼ିକୁ ଆମମାନଙ୍କର କର୍ତବ୍ୟରେ ସୀମାଲଂଘନକୁ ମାର୍ଜନା କର ଏବଂ ଆମମାନଙ୍କର ପାଦକୁ ସୁଦୃଢ଼ କର ଏବଂ ଅବିଶ୍ୱାସକାରୀମାନଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର ।

*(ଆଲେ ଇମରାନ୍: ୧୪୮)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ତୁମେମାନେ ଏପରି ଜଣେ ବ୍ୟକ୍ତିଙ୍କ ସହିତ ଜଡ଼ିତ ଅଛ, ଯେ ହେଉଛନ୍ତି ମାମୁର୍ ମିନ୍‌ଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ତରଫରୁ ନିୟୋଜିତ ଦୂତ) । ସୁତରାଂ ତା'ର କଥାଗୁଡ଼ିକୁ ହୃଦୟ ରୂପକ କାନ ଦ୍ୱାରା ଶୁଣ ଏବଂ ତା ଉପରେ ପରିଚାଳିତ ହେବା ପାଇଁ ସର୍ବଦା ପ୍ରସ୍ତୁତ ହୋଇଯାଅ ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

### ଆମ ଯମାତ ଚାରିତ୍ରୀକ ଉନ୍ନତି କରୁ ଉଚିତ

ଆମ ଯମାତ୍ ପାଇଁ ଏହା ଆବଶ୍ୟକ କି ସେ ଚାରତ୍ରୀକ ଉନ୍ନତି କରୁ । କାରଣ **ଅଲ୍‌ଇସ୍‌ତିକାମତୁ ଫୌକଲ୍ କରାମତି** ପ୍ରଶିଦ୍ଧ ରହିଛି । ସେ ମନେରଖନ୍ତୁ ଯେ ଯଦି କେହି ତାଙ୍କ ସହିତ କଠୋର ବ୍ୟବହାର କରେ ତେବେ ଯଥା ସମ୍ଭବ ତା'ର ନରମ ଓ କୋମଳ (ଭାଷାରେ) ଦିଅ । ପ୍ରତିଶୋଧପରାୟଣ ହୋଇ ହିଂସା ଓ ବଳପ୍ରୟୋଗର ଆବଶ୍ୟକ ନ ହେଉ ।

ମନୁଷ୍ୟର ପ୍ରକୃତି ତିନି ପ୍ରକାରର । **ଅମ୍ମାରାଃ, ଲଓ୍ୱାମାଃ ଏବଂ ମୁତ୍‌ମଇନ୍ନାଃ ।** ଅମ୍ମାରାଃ ଅବସ୍ଥାରେ ମନୁଷ୍ୟ ତା ଭାବନା ଓ ଅନୁଚିତ ଆବେଗକୁ ଆୟତ କରିପାରେ ନାହିଁ ଓ ତାହା ଅନୁମାନରୁ ବାହାରି ଯାଏ ଏବଂ ଚାରିତ୍ରୀକ ଅବସ୍ଥାରୁ ତଳକୁ ପଡ଼ିଯାଏ କିନ୍ତୁ ଲଓ୍ୱାମାଃ ଅବସ୍ଥା ତାକୁ ସମ୍ଭାଳି ନିଏ; ମୋତେ ଏ କାହାଣୀ ମନେପଡୁଛି, ଯାହାକୁ ସାଆଦି ବୁସ୍ତାନ୍‌ରେ ଲେଖିଛନ୍ତି ଯେ ଜଣେ ବୟୋଜ୍ୟେଷ୍ଠ ସମ୍ମାନୀୟ ବ୍ୟକ୍ତିଙ୍କୁ କୁକୁର କାମୁଡ଼ି ଦେଲା । ଘରେ ପହଂଚିବା ପରେ ଘର ଲୋକମାନେ ଦେଖିଲେ ଯେ ତାଙ୍କୁ କୁକୁର କାମୁଡ଼ି ଦେଇଛି । ଗୋଟିଏ ନିରୀହ ସାଧାସିଧା ଝିଅ ମଧ୍ୟ ସେଠାରେ ଥିଲା, ସେ କହିଲା ଆପଣ କାହିଁକି (ସେହି କୁକୁରକୁ) କାମୁଡ଼ିଲେ ନାହିଁ ? ସେ ଉତର ଦେଲେ ଝିଅ ! ମଣିଷଠାରେ କୁକୁରପଣିଆ ନଥାଏ । ସେହି ଭଳି ମଣିଷକୁ ଆବଶ୍ୟକ କି ଯେବେ କୌଣସି ଦୁଷ୍ଟ ଗାଳିଦିଏ । ଜଣେ ମୋମିନ୍ ପାଇଁ ଏହା ଆବଶ୍ୟକ ଯେ ସେ ମୁହଁ ଫେରାଇ ନେଉ । ନଚେତ ସେହି କୁକୁରପଣିଆର ଉଦାହରଣ ସତ୍ୟ ହେବ । ଖୁଦାଙ୍କ ନିକଟସ୍ଥ ପ୍ରୀୟଜନଙ୍କୁ ବଡ଼ ବଡ଼ ଗାଳି ଦିଆଯାଇଛି । ବହୁତ ଭିଷଣ ରୂପେ ହଇରାଣ ହରକତ କରାଯାଇଛି କିନ୍ତୁ ସେମାନଙ୍କୁ **ଆରିଜ୍ ଅନିଲ୍ ଯାହିଲୀନ୍** (ଅଲ୍‌ଆରାଫ:୨୦୦) ସମ୍ବୋଧନ ମିଳିଛି । ସ୍ୱୟଂ ସେହି ପୂର୍ଣ୍ଣମାନବ ଆମ ନବୀ ସ:ଆ:ସଙ୍କୁ ଭିଷଣ ଭାବେ ଦୁଃଖ କଷ୍ଟ ଦିଆଗଲା ଏବଂ ଗାଳିଗୁଲଜ, କୁଭାଷା ଏବଂ ଧୃଷ୍ଟତା କରାଗଲା କିନ୍ତୁ ସେହି ସୁଚରିତ୍ରସମ୍ପନ୍ନ ବ୍ୟକ୍ତି ଉକ୍ତ ବ୍ୟବହାରର କି ପ୍ରକାରର ମୁକାବିଲା କଲେ । ସେମାନଙ୍କ ପାଇଁ ଦୁଆ (ଅର୍ଥାତ ପ୍ରାର୍ଥନା) କଲେ ଏବଂ ଯେହେତୁ ଅଲ୍ଲାଃ ତାଲା ପ୍ରତିଶୃତି ଦେଇଥିଲା ଯେ ଯଦି ତୁମେ ମୁର୍ଖ ଲୋକଙ୍କଠାରୁ ବିମୁଖ ହେବ ତେବେ ତୁମ ସମ୍ମାନ ଓ ଜୀବନକୁ ଆମେ ସୁରକ୍ଷିତ ରଖିବୁ ଏବଂ ଏହି ବଜାରୀ ଲୋକମାନେ ତାଙ୍କ ଉପରେ ଅତ୍ୟାଚାର କରିପାରିବେ ନାହିଁ । ସୁତରାଂ ଏପରି ହିଁ ହେଲା ଯେ ହଜୁରଙ୍କ ବିରୋଧିମାନେ ହଜୁରଙ୍କ ସମ୍ମାନରେ କୌଣସି ଆଘାତ ଦେଇପାରିଲେ ନାହିଁ । ନିଜେ ହିଁ ଲଜ୍ଜିତ ଓ ଅପମାନିତ ହୋଇ ଆପଣ ସ:ଆ:ସଙ୍କ ପାଦ ତଳେ ପଡ଼ିଲେ ବା ସମ୍ମୁଖିନ ହୋଇ ଧ୍ୱଂସ ହେଲେ । ସୁତରାଂ ଏହି ଗୁଣ ବିଶେଷ ହେଉଛି ଲଓ୍ୱାମାଃର ଯାହା ମନୁଷ୍ୟର ଦ୍ୱିଧାକୁ ମଧ୍ୟ ସୁଧାରି ଦିଏ । ନିତିଦିନିଆ କଥା, ଯଦି କୌଣସି ମୁର୍ଖ ବା ପାଷାଣ୍ଡ ଗାଳି ଦେଇଥାଏ ବା କିଛି ଦୁଷ୍ଟାମି କରେ, ତେବେ ତା'ଠାରୁ ଯେତେ ଦୁରେଇ ରହିବ ସେତେ ମାତ୍ରାରେ ନିଜ ସମ୍ମାନକୁ ବଂଚାଇବ ଏବଂ ଯେତେ ତା ସହିତ ସଂଘର୍ଷ କରିବ ବା ମୁକାବିଲା କରିବ, ଶେଷ ହୋଇଯିବ ଓ ଅପମାନକୁ କିଣିବ । **ନଫ୍‌ସେ ମୁତ୍‌ମଇନ୍ନା** ଅବସ୍ଥାରେ ମନୁଷ୍ୟର ସ୍ୱଭାବ / ଦକ୍ଷତା ପୂର୍ଣ୍ୟମୟ ହୋଇଯାଏ । ସେ ଅଲ୍ଲାଃଙ୍କ ବ୍ୟତିତ ବାକି ଦୁନିଆରୁ ସମ୍ପୁର୍ଣ୍ଣରୂପେ ବିଚ୍ଛେଦ ହୋଇଯାଏ । ସେ ସଂସାରରେ ଚଲାବୁଲା କରେ ଓ ସାଂସାରୀକ ଲୋକମାନଙ୍କ ସହିତ ମିଳାମିଶା କରିଥାଏ କିନ୍ତୁ ବାସ୍ତବରେ ସେ ଏଠାରେ ନଥାଏ । ସେ ଯେଉଁଠାରେ ଥାଏ, ସେହି ଦୁନିଆ ଅଲଗା । ସେଠିକାର ଆକାଶ ଓ ପୃଥିବୀ ଅଲଗା ହୋଇଥାଏ ।

### ଯମାତ ଅହେମଦୀୟା ନିମନ୍ତେ ମହାନ ସୁସମାଚାର

ଅଲ୍ଲାଃ ତାଲା ପବିତ୍ର କୋରାନ୍‌ରେ କହିଛନ୍ତି: **ଓ୍ୱ ଯାଏଲୁଲ୍ ଲଜ୍‌ନତ୍ ତବଉକା ଫୌକଲ୍ ଲଜିନା କଫରୁ ଇଲା ୟୋମିଲ୍ କିୟାମାଃ** (ଆଲେ ଇମ୍‌ରାନ୍ : ୫୬) ଏପରି ସାନ୍ତ୍ୱନାମୂଳକ ପ୍ରତିଶୃତି ନାସରାଃ (ନାମକ ସ୍ଥାନ)ରେ ଜନ୍ମଗ୍ରହଣ କରିଥିବା ଇବ୍‌ନେ ମରିୟମ୍‌ଙ୍କୁ ଦିଆଯାଇଥିଲା କିନ୍ତୁ ମୁଁ ତୁମକୁ ସୁସମାଚାର ଦେଉଅଛି ଯେ ୟସୁ ମସିହ ନାମରେ ଆସିଥିବା ଇବ୍‌ନେ ମରିୟମଙ୍କୁ ମଧ୍ୟ ଅଲ୍ଲାଃ ତାଲା ସେହି ଶବ୍ଦରେ ସମ୍ବୋଧନ କରି ସୁସମାଚାର ଦେଇଛନ୍ତି । ଏବେ ଆପଣମାନେ ଚିନ୍ତା କରନ୍ତୁ ଯେ ଯେଉଁମାନେ ମୋ ସହିତ ସମ୍ପର୍କ ଯୋଡ଼ି ଏହି ମହାନ୍ ପ୍ରତିଶୃତି ଏବଂ ମହାନ୍ ସୁସମାଚାରରେ ସାମିଲ ହେବାକୁ ଚାହୁଁଛନ୍ତି । କଣ ସେମାନେ ସେହି ଲୋକମାନଙ୍କ ପରି ହୋଇପାରିବେ ଯେଉଁମାନେ ଅମ୍ମାରାଃର ସ୍ତରରେ ରହି ପଥଭ୍ରଷ୍ଟତାର ମାର୍ଗରେ ପରିଚାଳିତ ? ନୁହେଁ, କଦାପି ନୁହେଁ । ଯେଉଁମାନେ ଅଲ୍ଲାଃ ତାଲାଙ୍କ ଉକ୍ତ ପ୍ରତିଶୃତିର ସମ୍ମାନ କରୁଛନ୍ତି ଏବଂ ମୋ କଥାକୁ କିସା କାହାଣୀ ବୋଲି ଭାବୁନାହାନ୍ତି, ସେମାନେ ମନେ ରଖନ୍ତୁ ଓ ହୃଦୟ ଭିତରୁ ଶୁଣି ନିଅନ୍ତୁ । ମୁଁ ପୁଣି ଏକବାର ସେହି ଲୋକମାନଙ୍କୁ ସମ୍ବୋଧନ କରି କହୁଅଛି ଯେଉଁମାନେ ମୋ ସହିତ ସମ୍ପର୍କ ରଖିଛନ୍ତି ଏବଂ ସେହି ସମ୍ପର୍କ କୌଣସି ସାଧାରଣ ସମ୍ପର୍କ ନୁହେଁ ବରଂ ବହୁତ ଦୃଢ଼ ସମ୍ପର୍କ । ଏପରି ସମ୍ପର୍କ ଅଟେ କି, ଯାହାର ପ୍ରଭାବ ନା' କେବଳ ମୋ ନିଜ ସହିତ ବରଂ ସେହି ଅସ୍ତିତ୍ୱ ପର୍ଯ୍ୟନ୍ତ ପହଂଚୁଛି ଯିଏ ମତେ ମଧ୍ୟ ଉକ୍ତ ମହାମାନ୍ୟ ପୂର୍ଣ୍ଣ ମାନବଙ୍କ ନିକଟରେ ପହଂଚାଇଛନ୍ତି ଯିଏ ଦୁନିଆରେ ସତ୍ୟର ଆତ୍ମାକୁ ନେଇଆସିଛନ୍ତି । ମୁଁ ତ' ଏକଥା କହିବି ଯେ, ଯଦି ସେହି କଥାଗୁଡ଼ିକର ପ୍ରଭାବ ମୋ ପର୍ଯ୍ୟନ୍ତ ପହଂଚିଥାନ୍ତା ତେବେ ମୋତେ କିଛି ମଧ୍ୟ ସନ୍ଦେହ ଓ ଚିନ୍ତା ନ ଥାନ୍ତା ଏବଂ ନା ତାହାର ପରବାୟ ଥାନ୍ତା କିନ୍ତୁ ଏତିକିରେ ଶେଷ ହୋଇଯାଉନାହିଁ ଏହାର ପ୍ରଭାବ ଆମ ନବୀ କରିମ୍ ସ:ଆ:ସ ଏବଂ ସ୍ୱୟଂ ଖୁଦାତାଲାଙ୍କ ପବିତ୍ର ଅସ୍ତିତ୍ୱ ପର୍ଯ୍ୟନ୍ତ ପହଂଚି ଯାଇଥାଏ । ତେଣୁ ଏହି ପରି ପରିସ୍ଥିତିରେ ତୁମେମାନେ ଭଲଭାବେ ଧ୍ୟାନ ଦେଇ ଶୁଣି ରଖଯେ, ଯଦି ଏହି ସୁସମାଚାରରୁ ଭାଗ ନେବାକୁ ଚାହୁଁଅଛ ଓ ତା ଅନୁରୁପ ହେବାର ଅଭିଳାଷା ରଖିଅଛ ଏବଂ ଏତେ ବଡ଼ ସଫଳତା (ଅର୍ଥାତ କୟାମତ ପର୍ଯ୍ୟନ୍ତ ଅମାନ୍ୟକାରୀଙ୍କ ଉପରେ ବିଜୟ ପ୍ରାପ୍ତ କରିବ) ର ସତ୍ ଆଗ୍ରହ ରହିଛି ତେବେ ପୁଣି ଏତିକି ହିଁ କହିବି ଯେ, ଏହି ସଫଳତା ସେ ପର୍ଯ୍ୟନ୍ତ ହାସଲ ହୋଇପାରିବ ନାହିଁ ଯେ ପର୍ଯ୍ୟନ୍ତ ଲଓ୍ୱମାଃ ର ସ୍ତରକୁ ପାର ହୋଇ ମୁତ୍‌ମଇନ୍ନାଃ ର ମିନାର ପର୍ଯ୍ୟନ୍ତ ନ ପହଂଚିଯାଅ ।

ଏହାଠାରୁ ଅଧିକା ଆଉ କିଛି ମୁଁ କହୁନାହିଁ କି, ତୁମେମାନେ ଏପରି ଜଣେ ବ୍ୟକ୍ତିଙ୍କ ସହିତ ଯୋଡ଼ି ହୋଇ ଯାଇଛ ଯେ ହେଉଛନ୍ତି ମାମୁର୍ ମିନ୍‌ଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ତରଫରୁ ନିୟୋଜିତ) । ସୁତରାଂ ତା'ର କଥାଗୁଡ଼ିକୁ ହୃଦୟ ରୂପକ କାନ ଦ୍ୱାରା ଶୁଣ ଏବଂ ତା ଉପରେ ପରିଚାଳିତ ହେବା ପାଇଁ ସର୍ବଦା ପ୍ରସ୍ତୁତ ହୋଇଯାଅ ଯଦ୍ୱାରା ସେହି ଲୋକମାନଙ୍କ ଭଳି ନ ହୋଇଯାଅ ଯେଉଁମାନେ ସମ୍ମତି ପ୍ରକାଶ କରିବା ପରେ ମଧ୍ୟ ଅସ୍ୱୀକାର କରିବାର ଅସନା ମଧରେ ପଡ଼ିଯାଇ ଚିରସ୍ଥାୟୀ ଦଣ୍ଡକୁ କିଣି ନେଉଛନ୍ତି ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୮୭ ରୁ ୮୯ ମୁଦ୍ରଣ ୨୦୧୮ କାଦିୟାନ)*

*ପୃଷ୍ଠା- ୬ର ଅବଶିଷ୍ଟାଂଶ ......*

କାର୍ଯ୍ୟ ଏପରି ହେଉ ଯେ, ଏହି ଉପଦେଶର ପ୍ରଭାବ ପଡ଼ିବ ଓ କୌଣସି ପ୍ରକାରର ତରଫଦାରି ନ ହେବ । ପୁଣି କହୁଛନ୍ତି ଯେ ଏହା ଉଚିତ ହେବ କି, ବଦମାସ୍, ଦୁଷ୍ଟ, ବିଭ୍ରାଟକାରୀ ଏବଂ କୁପ୍ରବୃତିକୁ କଦାପି ତୁମ ମଜ୍‌ଲିସ୍ ମଧ୍ୟରେ ଆସିବାକୁ ଦିଅ ନାହିଁ । ଏବଂ ନା ତୁମ ଘରେ ତାହା ରହୁ ଯଦ୍ୱାରା ତାହା କେତେବେଳେ ତୁମକୁ ଧୋକା ଦେବାର କାରଣ ହୋଇଯିବ । ସେ କହୁଛନ୍ତି ମୋ ଯମାତ୍‌ର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଏହା ଜରୁରୀ ଅଟେ ଯେ, ଏହି ସମସ୍ତ ଓ୍ୱସିୟତ୍ ଉପରେ ପରିଚାଳିତ ହୁଅନ୍ତୁ ଓ ତୁମ ମଜ୍‌ଲିସ୍ ଗୁଡ଼ିକରେ କୌଣସି ପ୍ରକାରର ଅପବିତ୍ରତା, ଥଟ୍ଟା ପରିହାସ ନ କରାଯାଉ ପୂଣ୍ୟ ଆତ୍ମା, ପବିତ୍ର ସ୍ୱଭାବ ଓ ପବିତ୍ର ଭାବନା ରଖି ଭୂମି ଉପରେ ଚାଲନ୍ତୁ । କାହା ଉପରେ ଅବୈଧ୍ୟ ଶୈଳୀରେ ଆକ୍ରମଣ କରନାହିଁ ଓ ନିଜର ମନୋଭାବକୁ ଦବାଇ ରଖନ୍ତୁ । ଯଦି କୌଣସି ଧାର୍ମିୟ ବାର୍ତାଳାପ କରିବାକୁ ଚାହୁଁଛ ତେବେ ନରମ ଶବ୍ଦ ଦ୍ୱାରା ଓ ଭଦ୍ରାମୀ ଦେଖାଇ ବାର୍ତାଳାପ କର । ଯଦି କେହି ମୁର୍ଖତା ପୂର୍ଣ୍ଣ ବ୍ୟବହାର କରେ ତେବେ ତାକୁ ସଲାମ୍ କହି ଏପରି ମଜ୍‌ଲିସ୍‌ରୁ ଉଠି ଚାଲିଯାଅ । ଖୁଦାତାଲା ଚାହୁଁଛନ୍ତି ଯେ ତୁମକୁ ଏପରି ଏକ ଯମାତ୍ ବନାଇଦେବେ ଯେ ସମଗ୍ର ସଂସାରବାସୀଙ୍କ ପାଇଁ ପୂଣ୍ୟ ଏବଂ ସତ୍ୟତାର ନମୁନା ହୋଇଯାଅ । ତୁମେ ହୋସିୟାର ହୋଇଯାଅ ଓ ବାସ୍ତବିକ ପୂଣ୍ୟତ୍ମା, ଗରୀବ ପ୍ରବୃତି ଓ ସଦାଚାରୀ ହୋଇଯାଅ । ତୁମେ ପାଂଚବେଳା ନାମଜ ପାଠ ଦ୍ୱାରା ଏବଂ ଉତମ ଚରିତ୍ର ଦ୍ୱାରା ଚିହ୍ନିତ ହେବ । ତୁମକୁ କିପରି ଚିହ୍ନା ଯାଇପାରେ ? ଏପରି କି, ତୁମେ ନିୟମିତ ପାଂଚବେଳା ନମାଜ ପଢୁଥିବ ଓ ତୁମର ଚରିତ୍ର ବହୁତ ଉଚ୍ଚସ୍ତରର ହୋଇଥିବ । ଯଦି ଏହି କଥା ତୁମ ମଧ୍ୟରେ ସୃଷ୍ଟି ହୋଇଯିବ ତେବେ ଜାଣି ରଖ ଯେ, ତୁମେ ବୟତର ହକ୍‌କୁ ପ୍ରଦାନ କରିଅଛ । ପୁଣି କହିଲେ ଯାହାଠାରେ ଖରାପ କାର୍ଯ୍ୟର ମଞ୍ଜି ରହିଛି ସେ ଏହି ଉପଦେଶ ଉପରେ ପ୍ରତିଷ୍ଠିତ ହୋଇ ରହିପାରିବ ନାହିଁ । ମୁଁ ଏହି ଉପଦେଶ ଦେଉଅଛି କିନ୍ତୁ ଯାହା ମଧ୍ୟରେ ଖରାପ ମଞ୍ଜି ରହିଛି ସେ ଏହି ଉପଦେଶ ଉପରେ କାୟମ ରହିବ ନାହିଁ । *(ମଜ୍‌ମୁଆ ଇଶ୍‌ତାହାରାତ୍ ଖଣ୍ଡ-୩,ପୃ-୪୬ ରୁ ୪୮ ଇସ୍‌ତେହାର ନଂ-୧୨୮)*

ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ହଜରତ ମସିହ ମଉଦ ଆ:ସଙ୍କ ବୟତର ହକ୍‌କୁ ପ୍ରଦାନ କରିବା ପାଇଁ ଶକ୍ତି ଦିଅନ୍ତୁ । ହଜରତ ମସିହ ମଉଦ ଆ:ସଙ୍କ ଉପଦେଶାବଳୀ ଓ ଆଶା ଉପରେ ଆମେ ମାନେ ସମ୍ପୁର୍ଣ୍ଣରୂପେ ପରିଚାଳିତ ହୁଅନ୍ତୁ ଏବଂ ଆମେ ଏହି ଜଲ୍‌ସାରୁ ଅଧିକରୁ ଅଧିକ ଲାଭ ଉଠାଇ ନିଜର ଧାର୍ମିକ, ଆଧାତ୍ମିକ ଏବଂ ବୌଦ୍ଧିକ ଅବସ୍ଥାକୁ ସୁଧାରିବା ବାଲା ହେଉ ଏବଂ ଏହି ପୂଣ୍ୟ କର୍ମ ଆମ ମାନଙ୍କ ମଧ୍ୟରେ ସର୍ବଦା ତିଷ୍ଠି ମଧ ରହୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ର ଅବଶିଷ୍ଟାଂଶ ......*

ନ୍ୟାସନାଲ୍ ସେକ୍ରେଟାରୀ ଇଶାଅତ୍ କହିଲେ ଯେ, ନୁଆ ପସ୍ତକ ଗୁଡ଼ିକରେ ବରାହିନେ ଅହେମଦୀୟାର ଚାରଟି ଯାକ ଖଣ୍ଡର ଜର୍ମାନୀ ଭାଷାରେ ଅନୁବାଦ ହୋଇ ଛପା ଯାଇଛି । ଏତଦ୍‌ବ୍ୟତିତ ପୁସ୍ତକ Essence of Islam ର ମଧ୍ୟ ଜର୍ମାନୀ ଅନୁବାଦ କରାଯାଇ ଛପା ଯାଇଛି । ହଜୁର ଅନଓ୍ୱର ଅ:ବ:ଅ ଏହି ପୁସ୍ତକଗୁଡ଼ିକୁ ଦେଖିଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ସେହି ଭାଗକୁ ନିରୀକ୍ଷଣ କରିବାକୁ ଗଲେ ଯେଉଁଠି ବିଭିନ୍ନ ବିଭାଗର କାର୍ଯ୍ୟାଳୟ ସ୍ଥାପନ କରାଯାଇଅଛି । ଏହି ବିଭାଗ ଗୁଡ଼ିକରେ ଓ୍ୱକ୍‌ଫେ ନୌ ବିଭାଗ, ରିସ୍ତାନାତା ବିଭାଗ, IAAAE ବିଭାଗ, ହ୍ୟୁମାନିଟିଫାଷ୍ଟ ବିଭାଗ, ଖୁଦାମ୍ କାଫେ, ଶିକ୍ଷା ବିଭାଗ, ଯାମିୟା ଅହେମଦୀୟା, ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍, ତାଲିମୁଲ୍ କୁର୍‌ଆନ୍ ବିଭାଗ, ଉମୁରେ ଆମା ବିଭାଗ, ଓ୍ୱସିୟତ୍ ବିଭାଗ ଏବଂ ଜାଏଦାଦ୍ ବିଭାଗ ଗୁଡ଼ିକର କାର୍ଯ୍ୟାଳୟ ସ୍ଥାପନ କରାଯାଇଛି ।

ହଜୁର ଅନଓ୍ୱର ଅ:ବ:ଅ ଇନ୍‌ତେଜାମିୟାଙ୍କଠାରୁ ସେହି ସମସ୍ତ କାର୍ଯ୍ୟାଳୟ ସମ୍ବନ୍ଧରେ ପଚାରି ବୁଝିଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ''ଅଲ୍‌ଫଜଲ୍ ଇଂଟରନ୍ୟାସନାଲ'' ଏବଂ ଜାମିୟା ଅହେମଦୀୟାର ଷ୍ଟଲ ଭିତରକୁ ପ୍ରବେଶ କଲେ ଖୁଦାମ୍‌ଙ୍କ ଷ୍ଟଲ୍ ମଧ୍ୟ ନିରୀକ୍ଷଣ କଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ହ୍ୟୁମାନିଟିଫାଷ୍ଟ ଜର୍ମାନୀ ଦ୍ୱାରା ଲଗାଯାଇଥିବା ଷ୍ଟଲ ଭିତରକୁ ଗଲେ ଏବଂ ହ୍ୟୁମାନିଟିଫାଷ୍ଟର ଆପ୍ ଲଂଚ କଲେ । ଏବଂ ତାହାର ବିଭିନ୍ନ ଫଙ୍କସନ୍ ଗୁଡ଼ିକ ସମ୍ବନ୍ଧରେ ସେ ବିଭାଗର ଇନ୍‌ଚାର୍ଜ ସାହାବ୍ ଡ଼ାଃ. ଅତହର୍ ଜୁବୈର୍ ସାହେବ୍‌ଙ୍କଠାରୁ ପଚାରିବୁଝିଲେ । ଇନ୍‌ଚାର୍ଜ ସାହାବ୍ ବତାଇଲେ ଯେ, ଏଥିରେ ହ୍ୟୁମାନିଟି ଫାଷ୍ଟ, ମାନବସେବା ଏବଂ ସର୍ବସାଧାରଣଙ୍କ ନିମନ୍ତେ ଥିବା କାର୍ଯ୍ୟ ସମ୍ବନ୍ଧରେ ହଜୁର ଅନଓ୍ୱର ଅ:ବ:ଅଙ୍କ ବାଣୀ ଏବଂ ଅଭିଭାଷଣ ଗୁଡ଼ିକ ପକାଯିବ । ମାନବ ସେବା ସମ୍ବନ୍ଧରେ ଯେଉଁ କାର୍ଯ୍ୟ କରୁଛନ୍ତି ତାହାକୁ ପ୍ରକାଶ କରାଯିବ । ଯେଉଁ ଲୋକମାନେ ଏହି ସେବାମୁଳକ କାର୍ଯ୍ୟ ପାଇଁ ଦାନ ଦେବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଏହି ପ୍ରୋଗ୍ରାମରେ ସମ୍ପୁର୍ଣ୍ଣ ଜ୍ଞାନ ଯୋଗାଇ ଦିଆଯିବ । ସାରା ପୃଥିବୀରେ ହ୍ୟୁମାନିଟିଫାଷ୍ଟ ଅନ୍ତର୍ଗତ ଅନୁଷ୍ଠିତ ହେଉଥିବା ପ୍ରୋଗ୍ରାମର ରିପୋର୍ଟ ଗୁଡ଼ିକ ମଧ୍ୟ ଏହା ମାଧ୍ୟମରେ ପ୍ରସାର ହେବ ।

ସାଓ ଟୋମେ ଦେଶରେ ସରକାର ହ୍ୟୁମାନିଟି ଫାଷ୍ଟକୁ ଡ଼ାକ୍ତରଖାନାର ସୁଭାରମ୍ଭ ନିମନ୍ତେ ଯେଉଁ ଅଟ୍ଟାଳିକା ଯୋଗାଇ ଦେଇଛନ୍ତି ତା'ର ଫଟୋ ମଧ୍ୟ ଏଠାରେ ଲଗାଯାଇଥିଲା । ଉକ୍ତ ଅଟ୍ଟାଳିକାର ମଡ଼େଲ୍ ତିଆରି କରାଯାଇ ମଧ୍ୟ ଏଠାରେ ରଖାଯାଇଥିଲା । ହଜୁର ଅନଓ୍ୱର ଅ:ବ:ଅ ଏହି ଫଟୋ ଗୁଡ଼ିକୁ ଉକ୍ତ ଅଟ୍ଟାଳିକାର ମଡ଼େଲ୍‌କୁ ଦେଖିଲେ ।

ଚେୟାରମ୍ୟାନ ସାହେବ ହ୍ୟୁମାନିଟି ପାଷ୍ଟ ଜର୍ମାନୀ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ନିବେଦନ କଲେ ଯେ, ଏକ ବର୍ଷ ପୂର୍ବେ ହଜୁର ଅନଓ୍ୱର ଅ:ବ:ଅ ନିର୍ଦ୍ଦେଶ ଦେଇ ଏକଥା କହିଥିଲେ ଯେ, ୨ଲକ୍ଷ ୫୦ ହଜାର ୟୁରୋ ବିନିଯୋଗ କରି ଡ଼ାକ୍ତରଖାନା ବନାଇ ଦିଅନ୍ତୁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଥିଲେ ଅଲ୍ଲାଃ ତାଲା କରିଦେବେ ।

ଏବେ ଖୁଦାତାଲାଙ୍କ କୃପା ଏମିତି ହେଲା ଯେ ସାଓ ଟୋମେ ଦେଶର ସରକାର ଆମକୁ ପଂାଚ ମିଲିୟନ ଡ଼ଲାରର ଡ଼ାକ୍ତରଖାନା ଦାନ କରିଦେଇଛି । ଯାହା ବିଗତ ୮ ବର୍ଷ ହେବ ବନ୍ଦ ହୋଇ ପଡ଼ିରହିଥିଲା । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହା ତ ବହୁତ ସୁନ୍ଦର କଥା ତେବେ ପୁଣି ଏବେ ଆପଣମାନେ ଦୁଇ ଲକ୍ଷ ୟୁରୋ ଦ୍ୱାରା କାମ ଆରମ୍ଭ କରିଦେବେ ।

ହ୍ୟୁମାନିଟି ଫାଷ୍ଟ ଗୋଟିଏ କିଟ୍ ପ୍ରସ୍ତୁତ କରିଛି ସେଥିରେ ଗୋଟିଏ ଜ୍ୟାକେଟ୍, ପେନ୍ ସେଟ୍, ନୋଟବୁକ୍, ପେନ୍ ହୋଲ୍ଡର, ଓ୍ୱେଟ ପେପର, ଓ୍ୱାସ୍‌କଟ, ଓ୍ୱାଲକ୍ଲକ, ସନ୍‌ଗ୍ଲାସେସ୍, କ୍ୟାପ ଏବଂ ଗୋଟିଏ ଜିନାଃ କ୍ୟାପ ରହିଛି । ହଜୁର ଅନଓ୍ୱର ଅ:ବ:ଅ ଅର୍ଥ ପଇଠ କରି ଉକ୍ତ କିଟ୍ ଟିକୁ କିଣିଲେ ଓ ତା ସହିତ ଇନ୍‌ଚାର୍ଜ ସାହେବଙ୍କୁ ନିର୍ଦ୍ଦେଶ ଦେଲେ ଯେ, ସାଓ ଟୋମି ଦେଶରୁ ଯେଉଁ ପ୍ରତିନିଧିମାନେ ଆସିଛନ୍ତି ସେମାନଙ୍କୁ ଉପହାର ଦେବେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ସେହି ବିଭାଗ ମଧ୍ୟକୁ ପ୍ରବେଶ କଲେ ଯେଉଁଠାରୁ ଏମ୍‌ଟିଏ ର ସିଧା ପ୍ରସାରଣର ବ୍ୟବସ୍ଥା କରାଯାଇଥିଲା । ୩ ଭ୍ୟାନ ଉପସ୍ଥିତ ଥିଲେ ଯେଉଁଥିରେ ଏମ୍‌ଟିଏର ଆପ୍‌କୁ ଲିଙ୍କ ନିମନ୍ତେ ସବୁ ପ୍ରକାରର ଯନ୍ତ୍ରପାତି ଲଗାଯାଇଥିଲା । ଗୋଟିଏ ଭ୍ୟାନ ଜରିଆରେ ଏମ୍‌ଟିଏର ଲାଇଭ ପ୍ରୋଗ୍ରାମ ଜଲ୍‌ସାଗାଃଠାରୁ ସିଧାସଳଖ ଆପ୍ ଲିଙ୍କ ହେବ । ଦ୍ୱିତୀୟ ଭ୍ୟାନରୁ ଏମ୍‌ଟିଏ ଓ୍ୱାନ୍ ଓ ତୃତୀୟ ଭ୍ୟାନ ଏମ୍‌ଟିଏ ୩ ର ପ୍ରୋଗ୍ରାମ ଗୁଡ଼ିକ ପ୍ରସାରଣ ହେବ । ଏହି ସମସ୍ତ ବ୍ୟବସ୍ଥା ଗୁଡ଼ଇକରୁ ହଜୁର ଅନଓ୍ୱର ଅ:ବ:ଅ ଅନୁଧ୍ୟାନ କଲେ । ଓ ବିଭିନ୍ନ ବିଷୟ ପ୍ରସଙ୍ଗରେ ମୁମ୍‌ତଜମିନ୍‌ଙ୍କ ସହିତ କଥା ହେଲେ ।

ଜଲ୍‌ସାଗାଃର ମୁଖ୍ୟ ହଲ୍‌ରୁ ବାହାରେ ଗୋଟିଏ ସାମିୟାନା ଲଗାଯାଇ ଓ ବିଭିନ୍ନ କ୍ୟାବିନ୍ ବନାଯାଇ ଜଲ୍‌ସା ସାଲାନାର ସବୁ ପ୍ରୋଗ୍ରାମ ଗୁଡ଼ିକର ଓ ଭାଷଣ ଗୁଡ଼ିକର ଭିନ୍ନ ଭିନ୍ନ ଭାଷାରେ ଲାଇଭ୍ ଅନୁବାଦର ବ୍ୟବସ୍ଥା କରାଯାଇଛି । ଏଠାରେ ଅନୁବାଦକରଣ ବିଭାଗର ୨୦ଟି କ୍ୟାବିନ୍ ଲଗାଯାଇଛି । ନିମ୍ନଲିଖିତ ୧୩ଟି ଭାଷାରେ ଜଲ୍‌ସା ସାଲନାର ସମସ୍ତ ପ୍ରୋଗ୍ରାମ ଗୁଡ଼ିକର ଅନୁବାଦ କରାଯିବ ।

ଆରବୀ, ଆଲ୍‌ବାନିଆନ୍, ବଙ୍ଗଳା, ବୋସ୍‌ନିଆନ୍, ବୁଲ୍‌ଗେରିଆନ୍, ଇଂରାଜୀ, ଫ୍ରେଂଚ, ଜର୍ମନ, ଇଣ୍ଡୋନେସିଆନ୍, ରସିଆନ୍, ସ୍ପାନିଷ, ତର୍‌କଶ୍ ଏବଂ ଉର୍ଦ୍ଦୁ । ଏତଦ୍‌ବ୍ୟତିତ ମହିଳାମାନଙ୍କ ଜଲ୍‌ସାର ସ୍ୱତନ୍ତ୍ର ସେସନ୍ ନିମନ୍ତେ ୭ଟି ଭାଷାରେ ଅନୁବାଦର ବ୍ୟବସ୍ଥା କରାଯାଇଛି । ଭିନ୍ନ ଭିନ୍ନ ଭାଷାରେ ଅନୁବାଦ କରୁଥିବା ଅନୁବାଦକ ମାନେ ନିଜ ନିଜ ସାମିୟାନାର ବାହାରେ ଛିଡ଼ା ହୋଇଥିଲେ ।

### ଜଲ୍‌ସା ସାଲାନାର ଡ୍ୟୁଟି ନିମନ୍ତେ ଉଦ୍‌ଘାଟନୀ ଉତ୍ସବ

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ପୁରୁଷମାନଙ୍କ ଜଲ୍‌ସାଗାଃରେ ପଦାର୍ପଣ କଲେ

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

**ତାଲିବେ ଦୁଆ:** *Sajid Khan S/o Sultan Ahemad & Family,*
*Jamat Ahmadiyya, Madhuban Paradip (Odisha)*

## ଜଲ୍‌ସା ସାଲାନା କାଦିୟାନ ସମ୍ବନ୍ଧରେ ଜରୁରୀ ଘୋଷଣା

ଡ଼ିସେମ୍ବର ୨୦୧୯ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା କାଦିୟାନ୍ ସମ୍ବନ୍ଧରେ ଅଖ୍‌ବାର୍ ବଦର୍ କାଦିୟାନ୍‌ରେ ଏଲାନ୍ (ଘୋଷଣା) ହେଉଥିଲା ଯେ, ଏହି ଜଲ୍‌ସା ହେଉଛି ୧୨୫ ତମ ଜଲ୍‌ସା ସାଲାନା । ଏହି ଐତିହାସିକ ଜଲ୍‌ସା ନିମନ୍ତେ ହଜୁର ଅନଓ୍ୱର ଅ:ବ:ଅ କେତେକ ବିଶେଷ ପ୍ରୋଗ୍ରାମଗୁଡ଼ିକର ମଞ୍ଜୁରି ପ୍ରଦାନ କରିଛନ୍ତି, ଯାହାର ଏତେଲା ସର୍କୁଲାର ଜରିଆରେ ଯମାତ୍‌ମାନଙ୍କୁ ଦିଆଯାଇଅଛି ।

ଏହି ଅବଧିରେ ''ତାରିଖେ ଅହେମଦୀୟତ କାଦିୟାନ୍ ବିଭାଗ''ର ଗବେଷଣା ଓ ଅନୁଧ୍ୟାନର ଆଲୋକରେ ସୟଦନା ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଗୋଚରେ ଏ ଏତେଲା ଦିଆଗଲା ଯେ:

***୨୦୧୯**ରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା **୧୨୫** ତମ ଜଲ୍‌ସା ସାଲାନା ନୁହେଁ ବରଂ ଏହା ହେଉଛି **୧୨୬** ତମ ଜଲ୍‌ସା ସାଲାନା ।*

ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଏହାର ମଞ୍ଜୁରି ପ୍ରଦାନ କଲେ ଓ ପ୍ରୋଗ୍ରାମଗୁଡ଼ିକୁ ମଧ୍ୟ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଲେ । ବଦରର ପାଠକେ ଅବଗତ ରୁହନ୍ତୁ ।

**(ନାଜ୍‌ର ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍‌କଜିୟା)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# : ଖୁତ୍‌ବା ଜୁମା :

**ପରକାଳର ଚିନ୍ତା ସେତେବେଳେ ହୋଇପାରିବ ଯେତେବେଳେ ଖୁଦାତାଲାଙ୍କ ଅସ୍ତିତ୍ୱ ଉପରେ ପୂର୍ଣ୍ଣ ବିଶ୍ୱାସ ଥିବ ।**

**ବୁଦ୍ଧିମାନ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ଅସ୍ଥାୟୀ ଜିନିଷକୁ ସ୍ଥାୟୀ ଜିନିଷ ନିମନ୍ତେ ଉତ୍ସର୍ଗ କରିଦିଏ ।**

**କେବଳ ଖୋଳ ହୁଅନାହିଁ ବରଂ ତା ଭିତରର ମଗଜ ହୁଅ ଏବଂ ଆତ୍ମା ହୁଅ ।**

**ପରକାଳର ଚିନ୍ତା ଓ ଅଲ୍ଲାଃ ତାଲାଙ୍କୁ ଭୟ ରଖୁଥିବା ବ୍ୟକ୍ତି ସର୍ବପ୍ରଥମେ ନିଜ ଉପାସନାର ସୁରକ୍ଷା ପ୍ରତି ଧ୍ୟାନ ଦେଇଥାଏ ।**

**ନିର୍ଦ୍ଧାରିତ ସମୟରେ ନମାଜ ପାଠ କରିବା ଜରୁରୀ ଅଟେ ।**

**ଅଲ୍ଲାଃ ତାଲା କହିଛନ୍ତି ଯେ, କେବଳ ସେହି ମସ୍‌ଜିଦ୍‌ରେ ନମାଜ୍ ପଢ଼ିବା ପାଇଁ ଛିଡ଼ା ହୁଅ
ଯାହାର ମୂଳଦୁଆ ତକୱ୍ୱା ଉପରେ ଆଧାରିତ ।**

**ପ୍ରକୃତ ଉପାସନାକାରୀ ପ୍ରତ୍ୟେକ ପ୍ରକାରର ପୂଣ୍ୟକାର୍ଯ୍ୟକୁ ଆପଣେଇବାକୁ ଚେଷ୍ଟା କରିଥାଏ ।**

**ଆପୋଷର ସୁସମ୍ପର୍କ ଯାହା ଖୁଦାତାଲାଙ୍କ ଖାତିର୍ ପ୍ରେମ ଓ ନମ୍ର ବ୍ୟବହାର କରିଥାଏ ସେଠାରେ
ବାସ୍ତବିକ ତକ୍‌ୱ୍ୱା ଉପରେ ପ୍ରତିଷ୍ଠିତ ରହିଥାଏ ।**

**ଶରାୟତେ ବୟତ (ବୟତର ସର୍ତ୍ତାବଳୀ) ଉପରେ ସତ୍ୟତାର ସହିତ ପ୍ରତିଷ୍ଠିତ ରହିବା
ଓ ତା ମୁତାବକ ନିଜ ଜୀବନକୁ ବିତାଇବା ପାଇଁ ଉପଦେଶ ।**

**ଏହି ଖୁତ୍‌ବା ଜୁମା ସହିତ ୨୭ତମ ଜଲ୍‌ସା ସାଲାନା ଫ୍ରାନ୍ସର ଶୁଭାରମ୍ଭ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
(ପ୍ରଦତ୍ତ: ୦୪ ଅକ୍ଟୋବର ୨୦୧୯ ଅନୁଯାୟୀ ୦୪ ଇଖା୍ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ
ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଆଜି ଅଲ୍ଲାଃ ତାଲାଙ୍କ କୃପାରୁ ଆପଣଙ୍କ ଜଲ୍‌ସା ସାଲାନା ଆରମ୍ଭ ହେଉଅଛି । ହଜରତ ମସିହ ମଉଦ ଆ:ସ ଜଲ୍‌ସାକୁ ଏକ ସ୍ୱତନ୍ତ୍ର ଧାର୍ମିକ ସମ୍ମିଳନିର ନାମ ପ୍ରଦାନ କରିଛନ୍ତି । ତେଣୁ ଏଥିରେ ସାମିଲ ହେଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ଏକଥା ସ୍ପଷ୍ଟ ହେବା ଉଚିତ ଯେ ଧାର୍ମିକ, ଜ୍ଞାନମୂଳକ ଓ ଆଧ୍ୟାତ୍ମିକ ଉନ୍ନତି ପାଇଁ ଆମେ ଏଠାରେ ଏକାଠି ହୋଇଛେ । ଆଜି ହେଉଛି ଯୁମା ଏବଂ ତିନି ଦିନ ଏଠାରେ ଏ ଭାବନା ରଖି ଏକାଠି ରହିବା ଯେ କିପରି ଆମେ ଆମର ଜ୍ଞାନ, ଧର୍ମ ଓ ଆଧ୍ୟାତ୍ମିକତାର ସ୍ତରକୁ ଉତମତର କରିପାରିବା । ଯଦି ଏପରି ମନୋଭାବ ନାହିଁ ତେବେ ଏଠାକୁ ଆସିବା ନିରର୍ଥକ । ଆଜିର ଏହି ଯୁଗରେ ଏ ଦୁନିଆ ଖୁଦାତାଲାଙ୍କୁ ଭୁଲିଯାଉଛି । ପ୍ରତ୍ୟେକ ଧର୍ମର ଅନୁଯାୟିମାନେ ନିଜ ଧର୍ମରୁ ଦୂରକୁ ଚାଲିଯାଉଛି । ଯେଉଁ ଅଙ୍କ ସଂଗ୍ରହ ପ୍ରତ୍ୟେକ ବର୍ଷ ସାମନାକୁ ଆସୁଛି ସେଥିରୁ ଜଣା ପଡୁଛି ଯେ ପ୍ରତ୍ୟେକ ବର୍ଷ ବହୁ ସଂଖ୍ୟକ ଲୋକେ ଏକଥା ପ୍ରକାଶ କରୁଛନ୍ତି ଯେ, ସେମାନେ ଖୁଦାଙ୍କ ଅସ୍ତିତ୍ୱକୁ ସ୍ୱୀକାର କରୁନାହାନ୍ତି (ଅର୍ଥାତ ମାନୁନାହାନ୍ତି) ।  ଏପରି କି ମୁସଲମାନମାନଙ୍କର ଯେଉଁ ଅବସ୍ଥା ରହିଛି, ତାହା ଆମକୁ ବତାଉଛି ଯେ ନାମକୁ ମାତ୍ର ମୁସଲମାନ, ସଂସାର ଭୋଗ ବିଳାସରେ ମାତିଛନ୍ତି । ଏହିପରି ପରିସ୍ଥିତିରେ ଯଦି ଆମେମାନେ, ଯେଉଁମାନେ ଏକଥା ଦାବି କରୁଚେ ଯେ ଆମେ ଏ ଯୁଗର ମସିହଙ୍କୁ ମାନିଛୁ, ତାଙ୍କୁ ମାନିଛୁ ଯାହାଙ୍କୁ ଆଁ ହଜରତ ସ:ଆ:ସଙ୍କ ପେଶ୍‌ଗୋଇ (ଭବିଷ୍ୟବାଣୀ) ମୁତାବକ ଅଲ୍ଲାଃ ତାଲା ଏ ଯୁଗରେ ଧର୍ମର ମୁନର୍ଥାନ କରିବା ପାଇଁ ପ୍ରେରଣ କରିଛନ୍ତି । ତେଣୁ ଆମେ ପ୍ରତିଜ୍ଞା କରିଛୁ ଯେ ଆମେ ମଧ୍ୟ ଏହି ମସିହ ମଉଦ ଓ ମେହେଦୀ ମାହୁଦ୍ ଆ:ସଙ୍କ ମିଶନ୍‌କୁ ପୂରଣ କରିବୁ । ତେଣୁ ଯଦି ଆମେ ଆମ ନିଜର ଅବସ୍ଥାକୁ ସୁଧାରିବା ପାଇଁ ଧ୍ୟାନ ନ ଦେବା ତେବେ ଆମେ ମସିହ ମଉଦ ଆ:ସଙ୍କର ବୟତ କରି କେବଳ ଏକ ପ୍ରକାଶ୍ୟ ଘୋଷଣା କରିଛେ ଯାହା ଆତ୍ମୀହୀନ, ଆମ ଅହ୍‌ଦେ ବୟତ କେବଳ ନାମକୁ ମାତ୍ରା ଯାହା ଆମେ ପୂରଣ କରୁନାହୁଁ, ଆମର ଏଠି ଜଲ୍‌ସାରେ ଏକାଠି ହେବା ଗୋଟିଏ ସାଂସାରିକ ମେଳାରେ ଏକାଠି ହେବା ସଦୃଶ । ତେଣୁ ପ୍ରେତ୍ୟେକ ଅହେମଦୀଙ୍କ ପାଇଁ ବହୁତ ଚିନ୍ତା କରିବା ଉଚିତ । ବହୁତ ବ୍ୟଗ୍ରତାର ସହିତ ନିଜର ଅନୁଧ୍ୟାନ କରିବା ପ୍ରତି ଧ୍ୟାନ ଦେବା ଆବଶ୍ୟକ ଯେ ଯଦି ଏମିତି ଚିନ୍ତାଧାର ଅଛି ତେବେ ପୁଣି କିଛି ଲାଭ ନାହିଁ ।

ହଜରତ ମସିହ ମଉଦ ଆ:ସ ଜଲ୍‌ସା ଅନୁଷ୍ଠିତ କରିବାର ଯେଉଁ ଉଦ୍ଦେଶ୍ୟକୁ ଆମ ସମ୍ମୁଖରେ ଉପସ୍ଥାପନ କରିଛନ୍ତି, ଯଦି ଆମେ ତାକୁ ସାମନାରେ ରଖି ନିଜର ଅନୁଶୀନଳ କରିବା ତେବେ ନା କେବଳ ଏହି ତିନିଦିନର ଉଦ୍ଦେଶ୍ୟକୁ ପୂରଣ କରିବା ବରଂ ଜଲ୍‌ସାରେ ସାମିଲ ହୋଇଥିବା ଲୋକମାନଙ୍କ ସକାଶେ ହଜରତ ମସିହ ମଉଦ ଆ:ସ ଯେଉଁ ଦୁଆ କରିଛନ୍ତି, ତାହାକୁ ହାସଲ କରିବା ବାଲା ହେବା । ପୁଣି ତାହାକୁ ନିଜ ଜୀବନର ଅଂଶବିଶେଷ କରି ନିଜର ଇହକାଳ ଓ ପରକାଳକୁ ସୁଧାରିବା ବାଲା ହେବା ଏବଂ ନା କେବଳ ନିଜର ଅବସ୍ଥା ବରଂ ଆମର ପୂଣ୍ୟକର୍ମକୁ ଲାଭ କରିବା ପାଇଁ ଚେଷ୍ଟା ଏବଂ ତା'ଉପରେ ପରିଚାଳିତ ହେବା ଦ୍ୱାରା ଆମ ଆସନ୍ତା ପିଢ଼ିଙ୍କୁ ଧର୍ମ ଉପରେ ପ୍ରତିଷ୍ଠିତ କରାଇବା ଏବଂ ଈଶ୍ୱରଙ୍କ ନିକଟତର କରାଇ ସେମାନଙ୍କୁ ମଧ୍ୟ ଅଲ୍ଲାଃ ତାଲାଙ୍କ କୃପା ହାସଲକାରୀ ରୂପେ ବନାଇବା । ଯେଉଁଠି ଏ ସଂସାର ଖୁଦାତାଲାଙ୍କ ଦୀନ୍‌ରୁ ଦୁରେଇଯାଉଛି ସେଠାରେ ଆମ ସନ୍ତାନମାନେ ଖୁଦାତାଲାଙ୍କ ନିକଟତର ହେବେ  ଓ ଏ ସଂସାରକୁ ମଧ୍ୟ ଖୁଦାତାଲାଙ୍କ ନିକଟକୁ ଟାଣି ଆଣିବାର କାରଣ ହେବେ ।

ସୁତରାଂ ଯଦି ଆମେ ଆମର ବୟତର ପ୍ରତିଶ୍ରୁତିକୁ ପୂରଣ କରିବାକୁ ଚାହୁଁଛେ, ନିଜ ସନ୍ତାନମାନଙ୍କୁ ବଂଚାଇବାକୁ ଚାହୁଁଛେ ତେବେ ପୁଣି ଉକ୍ତ ଉଦ୍ଦେଶ୍ୟଗୁଡ଼ିକୁ ସମ୍ମୁଖରେ ରଖିବାର ଆବଶ୍ୟକ ରହିଛି ଯାହା ଜଲ୍‌ସା ଅନୁଷ୍ଠିତ ହେବାର (ଉଦ୍ଦେଶ୍ୟ) ରହିଛି । ଏହି ତିନିଦିନକୁ ସେହି ପ୍ରତିଶ୍ରୁତି ମୁତାବକ ବିତାଇବାକୁ ହେବ ଯେ ଏହି କଥାସବୁ ଆମ ଜୀବନର ଅଂଶ ବିଶେଷ ହୋଇ ସର୍ବଦା ସାଥିରେ ରହିବ । ହଜରତ ମସିହ ମଉଦ ଆ:ସ ଜଲ୍‌ସାର ଉଦ୍ଦେଶ୍ୟକୁ ବର୍ଣ୍ଣନା କରି ନିର୍ଦ୍ଦେଶ ଦେଇଛନ୍ତି ଯେ ପରକାଳର ଚିନ୍ତା କର । ଜଲ୍‌ସାରେ ଯୋଗ ଦେଇଥିବା ଲୋକମାନଙ୍କ ପାଇଁ ଏଥି ସକାଶେ ଜଲ୍‌ସା କରାଯାଇଅଛି ଯେ ସେମାନେ ଏଠାରେ ରହି ନିଜ ପରକାଳ ବିଷୟରେ ଚିନ୍ତା କରିବେ । ଈଶ୍ୱର ଭୟ ସୃଷ୍ଟି ହେବ । ସେମାନଙ୍କ ମଧ୍ୟରେ ତକ୍‌ୱ୍ୱା (ଧର୍ମପରାୟଣତା) ସୃଷ୍ଟି ହେଉ । ନମ୍ରତା ସୃଷ୍ଟି ହେଉ । ଆପୋଷରେ ପ୍ରେମଭାବ ଓ ଭାଇଚାରାର ପରିବେଶ ସୃଷ୍ଟି ହେଉ । ବିନମ୍ରତା ଓ ବିନିତ ସ୍ୱଭାବ ସୃଷ୍ଟି ହେଉ । ସତ୍ୟ ଉପରେ ତିଷ୍ଠି ରହନ୍ତୁ ଏବଂ ଦୀନ କି ଖିଦ୍‌ମତ୍ (ଅର୍ଥାତ ଧର୍ମସେବା) କରିବା ପାଇଁ ତତ୍ପର ହୁଅନ୍ତୁ ।

*(ଖାହାଦତୁଲ୍ କୁର୍‌ଆନ୍, ରୁହାନୀ ଖଜାଇନ୍, ଖଣ୍ଡ-୬, ପୃ-୩୯୪)*

ସୁତରାଂ ଆଜି ଆମର ଏଠାରେ ଏକତ୍ରୀତ ହେବାର ଏହା ସବୁ ହେଉଛି ଉଦ୍ଦେଶ୍ୟ ଆପଣ ଆ:ସଙ୍କୁ ମାନିଥିବା ପ୍ରତ୍ୟେକ ପୁରୁଷ, ମହିଳା, ଯୁବକ ଏବଂ ବୃଦ୍ଧଙ୍କୁ ଆପଣ ଆ:ସଙ୍କ ନିର୍ଦ୍ଦେଶ ମୁତାବକ ପରକାଳ ପ୍ରତି ଏତେ ମାତ୍ରାରେ ଚିନ୍ତା ରହିବା ଆବଶ୍ୟକ ଯେ ସାଂସାରିକ ବସ୍ତୁ ତା ମୁକାବିଲାରେ କୌଣସି ଗୁରୁତ୍ୱ ରଖୁ ନଥିବ ।  ଏହି ଭୌତିକ ସଂସାରରେ ରହି ଏହା ଉପରେ ପରିଚାଳିତ ହେବା ଏକ ବହୁତ ବଡ଼ କାମ ଜିହାଦ୍ (ସଚେଷ୍ଟା) କରିବାର ଆବଶ୍ୟକତା ଅଛି । ପରକାଳରେ ଚିନ୍ତା ସେତେବେଳେ ଯାଇ ହୋଇପାରିବ ଯେତେବେଳେ ଖୁଦାତାଲାଙ୍କ

ଅସ୍ତିତ୍ୱ ଉପରେ ପୂର୍ଣ୍ଣ ବିଶ୍ୱାସ ଥିବ ଏବଂ ଏକଥା ଉପରେ ବିଶ୍ୱାସ ଥିବ ଯେ ଏ ଜୀବନ ହେଉଛି କିଛି ଦିନ ପାଇଁ, ଅଧିକରୁ ଅଧିକ କେହି ଅଶି ବର୍ଷ ପର୍ଯ୍ୟନ୍ତ ବଂଚିଥାଏ, ନବେ ବର୍ଷ ଅବା ଶହେବର୍ଷ ଜୀବନ ପାଇଥାଏ । କିନ୍ତୁ ଏତେ ସମୟ ସମସ୍ତଙ୍କୁ ମିଳିନଥାଏ । ଅନେକ ଲୋକ ଏହି ସମୟରୁ ବହୁ ପୂର୍ବରୁ ଏ ସଂସାର ଛାଡ଼ି ଚାଲିଯାଆନ୍ତି । ତା'ପରେ ପୁଣି ପରକାଳରେ ଜୀବନ ଯାହା ସବୁକାଳ ପାଇଁ ରହିବ । ତେଣୁ ବୁଦ୍ଧିମାନ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ଅସ୍ଥାୟି ବସ୍ତୁକୁ ସ୍ଥାୟି ବସ୍ତୁ ପାଇଁ କୁର୍‌ଆନ୍ (ଅର୍ଥାତ ଉତ୍ସର୍ଗ କରିଦିଏ । କିନ୍ତୁ ଏହାର ଓଲଟା ହୋଇଥାଏ ଯେ ଆମେ ଏହି ଅସ୍ଥାୟି ବସ୍ତୁ ଉପରେ, ଏହି ଅସ୍ଥାୟି ଜୀବନ ପାଇଁ ସ୍ଥାୟି ଜୀବନକୁ ଉତ୍ସର୍ଗ କରିଦେଇଥାଉଁ । ପୁଣି ନିଜକୁ ଏହି ସଂସାରୀକ ଲୋକେ ବହୁତ ବୁଦ୍ଧିମାନ ବୋଲି ଭାବିଥାନ୍ତି । ତେଣୁ ଜଣେ ମୋମିନ୍ ଏହାର ଓଲଟା କରିଥାଏ (ଅର୍ଥାତ ଅସ୍ଥାୟି ଜିନିଷକୁ ସ୍ଥାୟି ଜିନିଷ ଉପରେ ଉତ୍ସର୍ଗ କରିଥାଏ) ଓ କରିବା ଉଚିତ । ତେବେ ଯାଇ ସେ ମୋମିନ୍ ବୋଲାଇବ । ସେ ନିଜ ହୃଦୟରେ ଈଶ୍ୱରଙ୍କ ଭୟ ରଖିଥାଏ । ଅଲ୍ଲାଃ ତାଲାଙ୍କ ଡ଼ର / ତ୍ରାସ ତା ମନ ଭିତରେ ରହେ । ଅଲ୍ଲାଃଙ୍କ ସହିତ ପ୍ରେମଭାବ ସମସ୍ତ ସାଂସାରିକ ପ୍ରେମ ଉପରେ ପ୍ରଭୁତ୍ୱଶାଳୀ ହୋଇଥାଏ । ଅଲ୍ଲାଃ ତାଲାଙ୍କ ଭୟ ଓ ଡ଼ର ଏଥିପାଇଁ ହୁଏ ନାହିଁ ଯେ ମରିବା ପରେ ଯେଉଁ ଜିବନ ମିଳିବ ସେଥିରେ ଦଣ୍ଡ ମିଳିବ ବରଂ ଏଥିପାଇଁ ହୋଇଥାଏ ଯେ ମୋ ପ୍ରୀୟ ଖୁଦା ମୋଠାରୁ ନାରାଜ୍ ହୋଇ ନଯାନ୍ତୁ । ଯେତେବେଳେ ଏପରି ପ୍ରେମର ମନୋଭାବ ରହିଥାଏ ସେତେବେଳେ ମଣିଷ ଖୁଦାତାଲାଙ୍କ ନିର୍ଦ୍ଦେଶ ଉପରେ ପରିଚାଳିତ ହେବା ପାଇଁ ମଧ୍ୟ ଚେଷ୍ଟା କରିଥାଏ, ଏ ଦୁନିଆରେ ମଣିଷର ପ୍ରେତ୍ୟେକ କାର୍ଯ୍ୟ ପରକାଳକୁ ଆଖି ଆଗରେ ରଖି କରାଯାଇଥାଏ । ତାକୁ ଏ ବିଶ୍ୱାସ ହୋଇଯାଏ ଯେ ମୋ ଈଶ୍ୱର ହିଁ ମୋ ଲାଳନ ପାଳନର ବ୍ୟବସ୍ଥା କରୁଛନ୍ତି, ମୋ ଖୁଦା ହିଁ ମତେ ନିଜର ନେମତ୍‌ଗୁଡ଼ିକ (ଅର୍ଥାତ ସମସ୍ତ ବୈଭବ) ପ୍ରଦାନ କରୁଛନ୍ତି । ଏହି ବୈଭବରେ ସବୁ ସାମିଲ୍ ରହିଛି, ସାଂସାରିକ ଓ ଆଧ୍ୟାତ୍ମିକ ମଧ୍ୟ । ଯଦି ମୁଁ ତା ଉପାସନାର ହକ୍‌କୁ ପ୍ରଦାନ କରିଚାଲେ, ସେହି ଖୁଦାଙ୍କୁ ହିଁ ଶକ୍ତିର ମାଲିକ ବୋଲି ଜାଣି ତା ସମ୍ମୁଖରେ ନତମସ୍ତକ କରି ରହେ, ତେବେ ମୁଁ ତାହାଙ୍କ ନେମତ୍‌ରୁ ଭାଗ ପାଇ ଚାଲିବି ଇନ୍‌ଶାଅଲ୍ଲାଃ । ମୁଁ ଯଦି ଈଶ୍ୱରଙ୍କ ଦ୍ୱାରା ବତାଇଯାଇଥିବା ଅମର୍ ଓ୍ୱ ନଓ୍ୱାହି (ଅର୍ଥାତ ବୈଧ ଓ ଅବୈଦ୍ କାର୍ଯ୍ୟ) ମୁତାବକ ଜୀବନ ଅତିବାହିତ କରିଚାଲିବି ତେବେ ତାହାଙ୍କ କୃପାର ଉତରାଧିକାରୀ ହେବି । ଯଦି ଅଲ୍ଲାଃ ତାଲାଙ୍କୁ ସମ୍ପୁର୍ଣ୍ଣରୂପେ ଆଜ୍ଞା ପାଳନ କରି ଏବଂ ତକ୍‌ଓ୍ୱା ଉପରେ ପ୍ରତିଷ୍ଠିତ ହୋଇ ତାହାଙ୍କ ଓ ତା ଭକ୍ତଙ୍କ ହକ୍‌କୁ ପ୍ରଦାନ କରିଚାଲିବି । ସେ ମୋ ଉପରେ ପ୍ରସନ୍ନ ହେବେ । ସୁତରାଂ ଏହା ହେଉଛି ମନୋଭାବ ଓ ତା ମୁତାବକ କର୍ମ , ଯାହା ନିଶ୍ଚିତ ରୁପେ ଅଲ୍ଲାଃଙ୍କ ପ୍ରତିଶ୍ରୁତି ମୁତାବକ ତାହାଙ୍କ ପୁରସ୍କାର ଓ କୃପାକୁ ହାସଲ କରିବା ବାଲା ବନାଇବ । ଏବଂ ଏହିପରି ଲୋକମାନେ ତକ୍‌ଓ୍ୱା ଉପରେ ପରିଚାଳିତ ବୋଲାଇଥାନ୍ତି । ଯେଉଁମାନେ ଏପରି ଚିନ୍ତାଧାର ରଖିଛନ୍ତି ଅର୍ଥାତ ଯେଉଁମାନେ ଅଲ୍ଲାଃ ତାଲାଙ୍କ ସମସ୍ତ ନିର୍ଦ୍ଦେଶ ଉପରେ ପରିଚାଳିତ ହୁଅନ୍ତି, ଯାହାଙ୍କ ହୃଦୟ ନମ୍ର ହୋଇଥାଏ । କାରଣ ପ୍ରତିକ୍ଷଣ ସେମାନଙ୍କ ମନରେ ଖୁଦା ଥାନ୍ତି । ଏହିପରି ଲୋକେ ଜଣେ ଅନ୍ୟମାନଙ୍କ ପାଇଁ ଖୁଦାତାଲାଙ୍କ ଖାତିର୍ ପ୍ରେମ ମନୋଭାବ ପୋଷଣ କରିଥାନ୍ତି ଅର୍ଥାତ ସେମାନଙ୍କ ପ୍ରେମ, ଭାଇଚାରା ନିଜର ସ୍ୱାର୍ଥପାଇଁ ନଥାଏ ବରଂ କେବଳ ହିଁ କେବଳ ଖୁଦାତାଲାଙ୍କ ପାଇଁ ହୋଇଥାଏ । ସେହିପରି ଯେଉଁମାନେ ତକ୍‌ଓ୍ୱା ଉପରେ ପରିଚାଳିତ ସେମାନଙ୍କଠାରେ ବିନମ୍ରତା ସୃଷ୍ଟି ହୋଇଥାଏ । ବିନମ୍ର ସ୍ୱଭାବ କେବଳ ବଡ଼ ଲୋକମାନଙ୍କ ନିକଟରେ ପ୍ରକାଶ କରାଯାଏ ନାହିଁ । ଅର୍ଥାତ ଯେଉଁ ଧନୀ ଲୋକ, ବଡ଼ ପଦବୀରେ ଅଛନ୍ତି, ସେମାନଙ୍କ ସମ୍ମୁଖରେ କେବଳ ବିନମ୍ରତା ପ୍ରକାଶ କରାଯାଏ ନାହିଁ ବରଂ ଗରୀବ ଓ ଦରିଦତ୍ରା ଲୋକମାନଙ୍କ ସମ୍ମୁଖରେ ମଧ୍ୟ ବିନମ୍ର ସ୍ୱଭାବ ପ୍ରକାଶ କରାଯାଇଥାଏ । ଏବଂ ଏହି ଲୋକମାନେ ହିଁ ସତ୍ୟ ଉପରେ ସର୍ବଦା ତିଷ୍ଠି ରହିଥାନ୍ତି ଏବଂ ଏ ଭାବନା ରଖିଥାନ୍ତି ଯେ ସତ୍ୟ ବଚନ ହିଁ ଖୁଦାତାଲାଙ୍କ ନିକଟରେ ପହଂଚାଇଥାଏ । ମିଥ୍ୟା ସିର୍କ (ଅର୍ଥାତ ଅନେକେଶ୍ୱରବାଦ) ଆଡ଼କୁ ଟାଣିନିଏ । ତେଣୁ ଯେତେବେଳେ ପରକାଳ ବିଷୟରେ ଚିନ୍ତା ଅଛି, ଈଶ୍ୱର ଭୟ ହୃଦୟରେ ରହିଛି ଓ ତକ୍‌ଓ୍ୱାର ବାସ୍ତବିକତାକୁ ଜାଣିଛି, ସେତେବେଳେ ଜଣେ ମୋମିନ୍ ବୋଲାଇ କିପରି ମିଥ୍ୟା କହିପାରେ । ଏହିସବୁ କଥାକୁ ହାସଲ କରିଥିବା ଲୋକେ ଏବଂ ପୂଣ୍ୟ କାର୍ଯ୍ୟର ତାତ୍ପର୍ଯ୍ୟକୁ ବୁଝିଥିବା ଲୋକେ ହିଁ ଦୀନ୍ (ଧର୍ମ)ର ସେବାରେ ମଧ୍ୟ ପ୍ରକୃତରେ ଉତ୍ସାହ ଦେଖାଇ ସମ୍ପାଦନ କରିଥାନ୍ତି । ନଚେତ ଏ ଯେଉଁ ସେବା ଅଛି ଏହା ମଧ୍ୟ ପ୍ରକାଶ୍ୟରେ କିଛି ଲାଭ ଉଠାଇବା ପାଇଁ ହୋଇଯାଏ । ଆମେ ଦେଖୁ ଅଛେ ଯେ ମୁସଲମାନମାନଙ୍କ ମଧ୍ୟରେ ଶହ ଶହ ଓ୍ୱଲେମା ଅଛନ୍ତି, ଯେଉଁମାନେ ଧର୍ମ ନା'ରେ ପ୍ରକାଶ୍ୟରେ ବହୁତ ଉତ୍ସାହିତ / ଚେଷ୍ଟିତ ଅଛନ୍ତି କିନ୍ତୁ ଭିତରୁ ଭିତରୁ ଧର୍ମ ନା'ରେ ଅତ୍ୟାଚାର କରୁଛନ୍ତି । ସେମାନଙ୍କଠାରେ ଧର୍ମ ପରାୟଣତାରେ କର୍ମ ଅଛି, ସେମାନଙ୍କଠାରେ ଈଶ୍ୱର ଭୟ ନାହିଁ । ସେମାନଙ୍କୁ ପରକାଳଠାରୁ ଅଧିକା ସାଂସାରିକ ଲାଭ ପ୍ରାୟତମ ଅଟେ କିନ୍ତୁ ଖୁଦା ଏବଂ ପରକାଳରେ ନାଁ ନେଉଛନ୍ତି ।

ସୁତରାଂ ହଜରତ ମସହି ମଉଦ ଆ:ସ ଯେଉଁ କଥାକୁ ଆମଠାରେ ସୃଷ୍ଟି କରିବାକୁ ଚାହୁଁଛନ୍ତି, ସେହି କଥାର ଆତ୍ମାର ଆବଶ୍ୟକତା ରହିଛି ଅର୍ଥାତ ବାହ୍ୟ ଖୋଳ ନ ହେଉ ବରଂ ଆତ୍ମା ହେଉ ମଗଜ ହେୁ । ଏହି ସମସ୍ତ କଥାକୁ ସମ୍ମୁଖରେ ରଖି ଆମକୁ ନିଜ ନିଜର ସମିକ୍ଷା କରିବାର ଆବଶ୍ୟକତା ରହିଛି ଯେ କଣ ଆମେମାନେ ଏହି ନିୟତ ରଖି ଜଲ୍‌ସାରେ ସାମିଲ ହୋଇଛେ । ଓ ନିଜ ଭିତରେ ଉକ୍ତ ଉଦ୍ଦେଶ୍ୟଗୁଡ଼ିକୁ ହାସଲ କରିବା ପାଇଁ ବ୍ୟଗ୍ରତା ଦେଖାଉଛେ କି । ଯଦି ପୂର୍ବରୁ ଆମ ମଧ୍ୟରେ ମନୁଷ୍ୟଗତ ଦୁର୍ବଳତା ଯୋଗୁଁ ଉକ୍ତ କଥାକୁ ହାସଲ କରିବାରେ କିଛି ଭୂଲ ଓ ଅବହେଳା ହୋଇଯାଇଛି, ତେବେ ଆସନ୍ତାକୁ ଗୋଟିଏ ନୂଆ ପ୍ରତିଜ୍ଞା ସହିତ ପୂଣ୍ୟ କାର୍ଯ୍ୟକୁ ସମ୍ପାଦନ କରିବାପାଇଁ ଓ ତା' ଉପରେ ପ୍ରତିଷ୍ଠିତ ରହିବା ପାଇଁ ଯଥା ସମ୍ଭବ ଚେଷ୍ଟା କରିବାକୁ ପ୍ରସ୍ତୁତ ଅଛେ କି ? ଆଜି ଆମେ ଏ ଶପଥ କରୁଛେ ଯେ ଆମେ ଏ ସଂସାରଠାରରୁ ଅଧିକା ଚିନ୍ତା ପରକାଳ ପାଇଁ କରିବାବାଲା ହେବା, ଆମେ ଖୁଦାଙ୍କ ଭୟ ଏବଂ ତାହାଙ୍କ ଡ଼ର ଏବଂ ତାହାର ପ୍ରେମକୁ ପ୍ରତ୍ୟେକ ବସ୍ତୁ ଉପରେ ଅଗ୍ରାଧିକାର ଦେବା, ଆମେ ଧର୍ମପରାୟଣତାର ସୂକ୍ଷ୍ମ ମାର୍ଗରେ ଚାଲିବା ପାଇଁ ଯଥାସମ୍ଭବ ଚେଷ୍ଟା କରିବା, ଆମେ ଅନ୍ୟମାନଙ୍କ ପ୍ରତି ସଦୟ ମନୋଭାବ ପୋଷଣ କରିବା, ଆମେ ଆପୋଷ ପ୍ରେମଭାବ ଓ ଭାଇଚାରାକୁ ଏତେ ମାତ୍ରାରେ ବଢ଼ାଇବା ଯେ ଏହି ଭଲପାଇବା ଓ ଭାଇଚାରା ଏକ ଉଦାହରଣ ହୋଇଯିବ । ବିନମ୍ର ସ୍ୱଭାବରେ ଆମେ ବଢ଼ି ଚାଲିବା । ସତ୍ୟ ଓ ସତ୍ୟକଥା କହିବା ଆମର ଏକ ବିଶେଷ ଗୁଣ ହୋଇଯିବ ଯେ ପ୍ରତ୍ୟେକ ବ୍ୟକ୍ତି ଏ କଥା କହିବେ ଯେ ଏମାନେ ଅହେମଦୀ ଅଟନ୍ତି ଓ ସତ୍ୟ ଉପରେ ପ୍ରତିଷ୍ଠିତ ରହନ୍ତି । ସତ କଥା କହନ୍ତି ଓ ଏଥି ସକାଶେ ବଡ଼ ବଡ଼ କ୍ଷତିକୁ ମଧ୍ୟ ସହିଯାନ୍ତି । ଧର୍ମ ସେବା କରିବାପାଇଁ ଏପରି ଚେଷ୍ଟା ଏକ ଉଦାହରଣ ହୋଇଯିବ । ଏଥି ସକାଶେ ପୂର୍ବାପେକ୍ଷା ଅଧିକ ଧର୍ମର ବାର୍ତ୍ତାକୁ ନିଜ ପରିବେଶର ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ପହଂଚାଇବା ପାଇଁ ଚେଷ୍ଟା କରିବା, ସେମାନଙ୍କୁ ବତାଇ ପାରିବା ଯେ ପ୍ରକୃତ ଇସ୍‌ଲାମ କ'ଣ ।

ଯଦି ଆମେ ନିଜର ଏହି ଶପଥକୁ ପୂରଣ କରିବାବାଲା ହୋଇଯିବା, ଆମର ଜୀବନ ତା ମୁତାବକ ଅତିବାହିତ ହେବାକୁ ଲାଗିଯିବ, ତେବେ ନିଶ୍ଚିତ ରୂପେ ଆମେ ଅହ୍‌ଦେ ବୟତ (ଅର୍ଥାତ ବୟତର ପ୍ରତିଶ୍ରୁତି)କୁ ପୂରଣ କରି ଅଛେ ।

ସୁତରାଂ ଆସନ୍ତୁ ଆଜି ଆମେ ଉକ୍ତ କଥାକୁ ହାସଲ କରିବା ପାଇଁ ନିଜର କାର୍ଯ୍ୟକର୍ମ ପ୍ରସ୍ତୁତ କରିବା । ପରକାଳାର ଚିନ୍ତା ଏବଂ ଅଲ୍ଲାଃ ତାଲାଙ୍କୁ ଭୟ କରିବା ପାଇଁ ଧ୍ୟାନ ଦେଇଥାଏ । ସେ ଏକଥାକୁ ଦେଖିଥାଏ ଯେ ଅଲ୍ଲାଃ ତାଲା ମୋ ଜୀବନର ଉଦ୍ଦେଶ୍ୟ କ'ଣ ରଖିଛି । ଅଲ୍ଲାଃ ତାଲା କହୁଛନ୍ତି ଯେ **ଓ୍ୱମା ଖଲକ୍‌ତୁଲ୍ ଜିନ୍ନା ଓ୍ୱଲ୍ ଇନ୍‌ସା ଇଲ୍ଲା ଲିୟାବୁଦୁନ୍ (ଜାରିୟାତ:୫୭)**

ହଜରତ ମସିହ ମଉଦ ଆ:ସ ଉକ୍ତ ଆୟତର ଅନୁବାଦ ଏପରି କରିଛନ୍ତି ଯେ ଅର୍ଥାତ: ମୁଁ ଜିନ୍ନ ଓ ମାନବକୁ ଏଥିପାଇଁ ସୃଷ୍ଟି କରିଛି ଯେ ସେମାନେ ମତେ ଚିହ୍ନନ୍ତୁ ଓ ମୋର ଉପାସନା କରନ୍ତୁ । ପୁଣି କହୁଛନ୍ତି କି ଏହି ଆୟତ ଅନୁସାରେ ମନୁଷ୍ୟ ଜୀବନର ଅସଲ ଉଦ୍ଦେଶ୍ୟ ହେଉଛି ଖୁଦାତାଲାଙ୍କ ଉପାସନା କରିବା, ଖୁଦାତାଲାଙ୍କୁ ଚିହ୍ନିବା ଓ ଖୁଦାଙ୍କର ହୋଇଯିବା । ପୁଣି କହୁଛନ୍ତି ଏହା ତ ସ୍ୱଷ୍ଟ ଯେ ମଣିଷକୁ ଏପରି ମର୍ଯ୍ୟାଦା ହାସଲ ନାହିଁ ଯେ ସେ ନିଜ ଜୀବନର ଉଦ୍ଦେଶ୍ୟକୁ ନିଜେ ହିଁ ଧାର୍ଯ୍ୟ କରିବ ଯଦିଚ ମନୁଷ୍ୟ ଧାର୍ଯ୍ୟ କରିଥାଏ କିନ୍ତୁ ତାକୁ ହାସଲ ହୋଇନଥାଏ କାରଣ ମଣିଷ ନା ତା ନିଜ ଇଛାରେ ଆସିଥାଏ ଓ ନା ତ ନିଜ ଇଛା ଅନୁସାରେ ଲେଉଟିଥାଏ ବରଂ ସେ ଏକ ପ୍ରାଣୀ (ଅର୍ଥାତ ସୃଷ୍ଟଜ), ଯିଏ ତାକୁ ଜନ୍ମ କରିଛି ସେ ସମସ୍ତ ପ୍ରାଣୀମାନଙ୍କ ଅପେକ୍ଷା ଉତମ ଓ ଉତମ ଶକ୍ତି ତାକୁ ପ୍ରଦାନ କରିଛି ତେଣୁ ସେ (ଅର୍ଥାତ ଈଶ୍ୱର) ମଣିଷ ଜୀବନର ଏକ ଉଦ୍ଦେଶ୍ୟ ରଖିଛି, ଏହି ଉଦ୍ଦେଶ୍ୟକୁ କିଏ ବୁଝୁ ବା ନବୁଝୁ । କିନ୍ତୁ ହଜରତ ମସିହ ମଉଦ ଆ:ସ କହୁଛନ୍ତି ଯେ ମଣିଷ ଜନ୍ମର ଉଦ୍ଦେଶ୍ୟ ନିଶ୍ଚିତ ରୂପେ ଖୁଦାଙ୍କ ଉପାସନା କରିବା, ଖୁଦାଙ୍କୁ ଚିହ୍ନିବା ଏବଂ ଖୁଦାତାଲାଙ୍କଠାରେ ଲୀନ ହୋଇଯିବା ।

*(ଇସ୍‌ଲାମ୍ ଉସୁଲ୍ ଫିଲାସଫି, ରୁହାନୀ ଖଜାଇନ୍ ଖଣ୍ଡ-୧୦, ପୃ-୪୧୪)*

ସୁତରାଂ ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଅଲ୍ଲାଃ ତାଲା ଆମକୁ ଉପାସନାର ଯେଉଁ ଶୈଳୀ ଶିଖାଇଛନ୍ତି ତାହା କ'ଣ ? ତାହା ହେଉଛି ନମାଜର ସ୍ଥାପନ । ଅଲ୍ଲାଃ ତାଲା କହୁଛନ୍ତି ଯେ **ଇନ୍ନସ୍‌ସଲାତା କାନତ୍ ଅଲଲ୍ ମୁମିନିନା କିତାବମ୍ ମୌକୁତା (ନିସା:୧୦୪)** ଅର୍ଥାତ: ବିଶ୍ୱାସକାରୀମାନଙ୍କ ପାଇଁ ନିର୍ଦ୍ଧାରିତ ସମୟରେ ନମାଜପାଠ କରିବା ଅନିବାର୍ଯ୍ୟ କରାଯାଇଛି । ହଜରତ ମସିହ ମଉଦ ଆ:ସ କହୁଛନ୍ତି ଯେ ମୁଁ ନମାଜକୁ ସମୟରେ ପଢ଼ିବା ବିଷୟକୁ ବହୁତ ପସନ୍ଦ କରିଥାଏ । *(ମଲ୍‌ଫୁଜାତ୍ ଖଣ୍ଡ-୩, ପୃ-୬୩)*

ଏହି କଥା ମତେ ବହୁତ ପ୍ରୀୟ । ଏ ବିଷୟ ଅର୍ଥାତ ଧାର୍ଯ୍ୟ ସମୟରେ ନମାଜ ପଢ଼ାଯିବା ଜରୁରୀ ଅଟେ । କିନ୍ତୁ ଏ ଯୁଗରେ ଆମେ ଦେଖୁଛୁ ଯେ ଟିକିଏ ଟିକିଏ କଥାରେ ଅଧିକାଂଶ ଲୋକ ଧାର୍ଯ୍ୟ ସମୟରେ ନମାଜ ପାଠ କରୁନାହାନ୍ତି ଅର୍ଥାତ ଅବହେଳା କରୁଛନ୍ତି ବରଂ ଯଥା ସମୟ (ନମାଜ ପାଠ କରିବା) ତ ଛାଡ଼ନ୍ତୁ କେତେ ଲୋକ ତ ନାମଜ ହିଁ ପଢୁନାହାନ୍ତି । ପାଂଚବେଳା ସ୍ଥାନରେ ତିନି ବା ଚାରିବେଳା ନମାଜ ପଢୁଛନ୍ତି, ଅବହେଳା କରୁଛନ୍ତି, ଯେବେ କି ଅଲ୍ଲାଃ ତାଲା ମୋମିନ୍ ମାନଙ୍କୁ ନମାଜର ସୁରକ୍ଷା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଅଲ୍ଲାଃ ତାଲା କହୁଛନ୍ତି **ହାଫିଜୁ ଅଲସ୍ ସଲଓ୍ୱାତି ଓ୍ୱସ୍‌ସଲାତିଲ୍ ଉସ୍‌ତା (ଅଲ୍‌ବକ୍‌ରାଃ:୨୩୯)** ଅର୍ଥାତ ନମାଜର ସୁରକ୍ଷା କର ବିଶେଷରୂପେ (କାମକାର୍ଯ୍ୟ) ମଧ୍ୟରେ ଆସୁଥିବା ନମାଜର ଖିଆଲ ରଖ କିନ୍ତୁ କାରୋବାର ଓ ଚାକିରି ଯୋଗୁଁ ଆମମାନଙ୍କ ମଧ୍ୟରୁ କେତେ ଲୋକ ଜୋହର ଅସର୍ ନାମଜକୁ ନଷ୍ଟ କରିଦେଉଛନ୍ତି । ଟି.ଭି ପ୍ରୋଗ୍ରାମ ଯୋଗୁଁ ବା ସନ୍ଧ୍ୟାବେଳର ନିଜସ୍ୱ ପ୍ରୋଗ୍ରାମ ଯୋଗୁଁ ମଗ୍‌ରିବ୍, ଇଶା ନମାଜକୁ ନଷ୍ଟ କରିଦେଉଛନ୍ତି । ନିଦର ଆଳ ଦେଖାଇ ଫଜର୍ ନମାଜକୁ ନଷ୍ଟ କରିଦେଉଛନ୍ତି । ତେଣୁ ଆମ ସମସ୍ତଙ୍କୁ ନିଜ ନିଜର ସମିକ୍ଷା କରିବାର ଆବଶ୍ୟକତା

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

*ତାଲିବେ ଦୁଆ: Abdur Rahman Khan & Family, Jamat Ahmadiyya, Pankal (Odisha)*

ରହିଛି ଯେ କଣ ଆମେ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶାନୁସାରେ ପରିଚାଳିତ ହେଉଅଛେ କି ନାହିଁ? ଯମାତ୍‌ର ବିଶେଷ ପ୍ରୋଗ୍ରାମ ଗୁଡ଼ିକର ଏବଂ ରମ୍‌ଜାନ୍ ମାସରେ ଆମେ ବାଯମାତ୍ (ଅର୍ଥାତ ସାମୁହିକ) ନାମଜ ପାଠ କରି ଆମେ ଏକଥା ଭାବୁଛେ ଆମେ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶ ଉପରେ ପରିଚାଳିତ । ବାକି ବର୍ଷତମାମ୍ ତା ଉପରେ ପରିଚାଳିତ ହୁଅ ବା ନହୁଅ ଫରକ ପଡୁନାହିଁ । କିନ୍ତୁ ଶୁଣିରଖ ଏବଂ ଏକଥାକୁ ଦେଖିନିଅ ଯେ ନାମଜର ଗୁରୁତ୍ୱ ସମ୍ବନ୍ଧରେ ବର୍ଣ୍ଣନା କରି ଅଲ୍ଲାଃ ତାଲା । ଓ ତାହାଙ୍କ ରସୁଲ୍ କଣ ଭାବିଛନ୍ତି । ଅଲ୍ଲାଃ ତାଲା କହୁଛନ୍ତି **ଇନ୍ନମା ୟାମୁରୁ ମସାୟିଦଲ୍ଲାହି ମନ୍ ଆମନା ବିଲ୍ଲାହି ୱଲ୍ ୟୋମିଲ୍ ଆଖିର୍ (ତୌବାଃ:୧୮)** ଅର୍ଥାତ: ଅଲ୍ଲାଃଙ୍କ ମସ୍‌ଜିଦଗୁଡ଼ିକରେ ସେହି ରକ୍ଷଣାବେକ୍ଷଣ କରିଥାଏ ଯିଏ ଅଲ୍ଲାଃ ଓ ପରକାଳ ଉପରେ ବିଶ୍ୱାସ କରେ । ଆଁ ହଜରତ ସ:ଆ:ସ କହୁଛନ୍ତି ଯେ ଯେତେ ତୁମେ କୌଣସି ବ୍ୟକ୍ତିଙ୍କୁ ମସ୍‌ଜିଦ୍‌ରେ ଇବାଦତ୍ (ଅର୍ଥାତ ଉପାସନା) କରିବା ପାଇଁ ଯାତାୟତ କରିବାର ଦେଖ, ସେ ମୋମିନ ଅଟନ୍ତି ବୋଲି ତୁମେ ସାକ୍ଷି ଦିଅ, ଏହା ଏଥିପାଇଁ କି ଅଲ୍ଲାଃ ତାଲା କହୁଛନ୍ତି ଯେ ଅଲ୍ଲାଃଙ୍କ ମସ୍‌ଜିଦକୁ ସେହି ଲୋକମାନେ ରକ୍ଷଣାବେକ୍ଷଣ କରିଥାନ୍ତି ଯେଉଁମାନେ ଖୁଦା ଓ ପରକାଳ ଉପରେ ବିଶ୍ୱାସ ରଖିଛନ୍ତି । *(ସୁନନେ ଇବ୍‌ନେ ମାଜାଃ......ହଦିସ୍ ୮୦୨)*

ଏମିତି ତ ଆମେ ସମସ୍ତେ ନିଜକୁ ବିଶ୍ୱାସକାରୀ ବୋଲି ଅଭିହିତ କରୁଅଛେ କିନ୍ତୁ ଅଲ୍ଲାଃ ତାଲା ଏବଂ ତାହାଙ୍କ ରସୁଲ୍ ସ:ଆ:ସଙ୍କ ନିକଟରେ ମୋମିନ୍ (ବିଶ୍ୱାସକାରୀ) ହେଉଛି ସିଏ ଯିଏ ଅଲ୍ଲାଙ୍କ ଘରକୁ ରକ୍ଷଣାବେକ୍ଷଣା କରିଥାଏ, ଏହା ଏଥିପାଇଁ କି ତାର ଇମାନ୍ (ବିଶ୍‌ବାସ) ଅଲ୍ଲାଃ ତାଲା ଓ ପରକାଳ ଉପରେ ରହିଛି । ଏଠାରେ ଏ କଥା ମଧ ସ୍ପଷ୍ଟ ହୋଇଗଲା ଯେ କେବଳ ମସ୍‌ଜିଦକୁ ଆସିବା ହିଁ ଯଥେଷ୍ଟ ନୁହେଁ ବରଂ ତତ୍‌ସହିତ ଅଲ୍ଲାଃ ଏବଂ ୟୋମେ ଆଖିରତ୍ (ଅର୍ଥାତ ପରକାଳ) ଉପରେ ବିଶ୍ୱାସ ରଖି ଆସିବା ଜରୁରୀ ଅଟେ । ଯିଏ ଏପରି ମନୋଭାବ ରଖିଥିବ ତାକୁ ଅଲ୍ଲାଙ୍କ ଭୟ ମଧ ଥିବ, ସେ ମସ୍‌ଜିଦ୍‌ରେ ଆସି ବିଭ୍ରାଟ ସୃଷ୍ଟି କରିବ ନାହିଁ. ସେ ଏପରି ନମାଜିମାନଙ୍କ ସହିତ ସାମିଲ ହେବ ନାହିଁ ଯାହାଙ୍କ ନାମଜ ସେମାନଙ୍କ ପାଇଁ ବିନାଶର କାରଣ ହୋଇଥାଏ, ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ହାସଲ କରିବା ପରିବର୍ତେ ଏପରି ନମାଜି ପୁଣି ଅଲ୍ଲାଃ ତାଲାଙ୍କ ଅପ୍ରସନ୍ନତା ପାଇଥାନ୍ତି । ନୁହେଁ ବରଂ ଯେଉଁମାନେ ପ୍ରକୃତ ତକ୍‌ୱା ରଖିଥାନ୍ତି ଓ ଅଲ୍ଲାଃଙ୍କ ଭୟ ମନରେ ରଖିବାକୁ ହେବ, ସେମାନଙ୍କ ହୃଦୟ ନମ୍ର ହୋଇଥାଏ । ସେମାନେ ଇସ୍‌ଲାମ୍‌ର ଶାନ୍ତି ପ୍ରୀୟ ଶିକ୍ଷାର ତବ୍‌ଲିଗ୍ କରିଥାନ୍ତି । ସେମାନଙ୍କଠାରେ ପ୍ରେମଭାବ ଓ ଭାଇଚାରା ସୃଷ୍ଟି ହୋଇଥାଏ । ସେମାନେ ବିନୟି ହୋଇଥାନ୍ତି । ସେମାନଙ୍କ ମସଜିଦ ଭୟର ସ୍ଥାନ ହୋଇନଥାଏ ଓ ନା ବିଭ୍ରାଟର ସ୍ଥାନ ହୋଇଥା, । ତେଣୁ ଅଲ୍ଲାଃ ତାଲା କହିଛନ୍ତି ଯେ କେବଳ ସେହି ମସ୍‌ଜିଦ୍‌ରେ ନାମଜ ପଢ଼ିବାପାଇଁ ଛିଡ଼ାହୁଅ ଯାହାର ମୂଳଦୁଆ ତକ୍‌ୱା ଉପରେ ପ୍ରତିଷ୍ଠିତ ନା କି ଫିତ୍‌ନା ଫିସାଦ୍ (ଅର୍ଥାତ ବିଭ୍ରାଟ) ଉଦ୍ଦେଶ୍ୟରେ ତିଆରି ହୋଇଥିବା ମସ୍‌ଜିଦ୍ । ସୁତରାଂ ଯିଏ ତକ୍‌ୱା ଉପରେ ପ୍ରତିଷ୍ଠିତ ରହି ମସଜିଦଗୁଡ଼ିକର ରକ୍ଷଣାବେକ୍ଷଣ କରିଥାଏ ସେ ହୁକୁକୁଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ହକ୍)କୁ ମଧ ପ୍ରଦାନ କରିଥାଏ ଏବଂ ହୁକୁକୁକଲ୍ ଇବାଦ୍ (ଅର୍ଥାତ ପ୍ରାଣୀଙ୍କ ଅଧିକାର)କୁ ମଧ ପ୍ରଦାନ କରିଥାଏ । ଏହିପରି ଲୋକମାନଙ୍କୁ ସୁସମାଚାର ଦେଇ ଆଁ ହଜରତ ସ:ଆ:ସ କହିଛନ୍ତି ଯେ କୟାମତ୍ ଦିନ ଅଲ୍ଲାଃ ତାଲା ମଣିଷଠାରୁ ଯେଉଁ ପ୍ରଥମ ହିସାବ ନିକାଶ କରିବ, ସେ ସମ୍ବନ୍ଧରେ ଫରିସ୍ତା (ଦେବଦୂତ) ମାନଙ୍କୁ ନିର୍ଦ୍ଦେଶ ଦେବ ଯେ ମୋ ଭକ୍ତଙ୍କ ନମାଜକୁ ଦେଖ ଅର୍ଥାତ ପ୍ରଥମ କଥା ତ ଏହା ଦେଖ ଯେ ସେ ନମାଜ ପାଠ କରୁଥିଲା ବା ନାହିଁ । ଯେଉଁମାନଙ୍କର ନମାଜ ସମ୍ପୁର୍ଣ୍ଣ ଥିବ ସେମାନଙ୍କ ନାମାଏ ଆମାଲ୍ (ଅର୍ଥାତ କର୍ମଖାତା)ରେ ସମ୍ପୁର୍ଣ୍ଣ ନାମଜ ଲେଖାଯିବ । ଏଠାରେ ତ ହିସାବ ବରାବର୍ ହୋଇଗଲା କିନ୍ତୁ ଆଗକୁ ପୁଣି ନିର୍ଦ୍ଦେଶ ହେଉଛି ଯେ ଯେଉଁ ଲୋକମାନଙ୍କର ଫର୍ଜ ନାମଜରେ କିଛି ଅବହେଳା / ସ୍ୱଳ୍ପତା ରହିଯାଇଥିବ, ସେମାନଙ୍କ ସମ୍ବନ୍ଧରେ ନିର୍ଦ୍ଦେଶ ଦେବ ଯେ ତାଙ୍କର ନଫଲି (ଅର୍ତାତ ଫର୍ଜ ନମାଜ ବ୍ୟତିତ ସେ ଯେଉଁ ନଫିଲ୍ ନାମଜ ପଢ଼ିଥିବ) ଉପାସନାକୁ ଦେଖ । ଯଦି ଫର୍ଜ ନମାଜରେ କିଛି କମି ରହିଯାଇଛି ତେବେ ତାକୁ ନଫଲ୍ ଦ୍ୱାରା ପୂରଣ କରିଦିଅ । *(ସୁନନେ ଅବୁ ଦାଊଦ୍ କିତାବୁସ୍ ସଲାତ୍........ ହଦିସ୍ ୮୬୪)*

ସୁତରାଂ ଅଲ୍ଲାଃ ତାଲା ଏଠାରେ ଯେଉଁ ଶବ୍ଦ ବ୍ୟବହାର କରିଛନ୍ତି କି ମୋ ଭକ୍ତ, ଏହା ଏଥିପାଇଁ ଯେଏ ଏମାନେ ନିଜ ତରଫରୁ ଚେଷ୍ଟା କରି ଅଲ୍ଲାଃ ତାଲାଙ୍କୁ ଉପାସନା କରିଥାନ୍ତି । ଏବଂ ଅଲ୍ଲାଃଙ୍କ ଉପାସନାର ହକ୍‌କୁ ପ୍ରଦାନ କରିବାପାଇଁ ଚେଷ୍ଟା କରିଥାନ୍ତି । କିନ୍ତୁ ପୁଣି ମଧ ମନୁଷ୍ୟଗତ ତୃଟି ଅନ୍ତର୍ଗତ ଦୃବଳତା ରହିଯାଏ ବା ଭୁଲ୍ ହୋଇଯାଏ ଏପରି ପରିସ୍ଥିତିରେ ଅଲ୍ଲାଃ ତାଲା ତା ଭକ୍ତଙ୍କ ପୂଣ୍ୟ ନିକିତିକୁ ଅଧିକା କରିବା ପାଇଁ ତା କରୁଣା ଅବତୀର୍ଣ୍ଣ କରି ଓ କ୍ଷମା ଆଚରଣ କରି ନୱାଫିଲ୍‌କୁ ଫରାଏଜ୍‌ରେ ପକାଇ ଫରାଇଜ୍‌କୁ ପୂରଣ କରିଦିଏ । ଏବେ ଏଠାରେ ଦେଖି ନିଅନ୍ତୁ ନୱାଫିଲ୍ ପଢ଼ିବା ବାଲା ମଧ ସେହି ଲୋକ ଅଟନ୍ତି ଯେଉଁମାନେ କେବଳ ଅଲ୍ଲାଃଙ୍କୁ ଭୟ କରିଥାନ୍ତି । ନଫିଲ୍ ଏପରି ଜିନିଷ ନୂହେଁ ଯାହା ବାହାରେ ପଢ଼ାଯିଥାଏ ବରଂ ଏହା ତ ଲୁଚିକରି କରାଯାଇଥାଏ. ଅଲଗା ଏକାନ୍ତରେ ପଢ଼ା ଯାଇଥାଏ । ଏପରି ପୂଣ୍ୟ ସେହି ବ୍ୟକ୍ତି କରିଥାଏ ଯିଏ ଅଲ୍ଲାଃଙ୍କ ଭୟ ରଖିଥାଏ ଏପରି ଲୋକମାନଙ୍କ ପାଇଁ ଅଲ୍ଲାଃ ତାଲା କହିଛନ୍ତି ମୋ ଭକ୍ତ ଅର୍ଥାତ ଏପରି ଭକ୍ତଙ୍କର ମଧ ଭୁଲ ହୋଇଯାଇଥାଏ । କିନ୍ତୁ ଏହି ଭୁଲ ସବୁବେଳେ ଜାରି ରହେନାହିଁ । ସେମାନେ ଉକ୍ତ ଭୁଲକୁ ସୁଧାରିବା ପାଇଁ ଚେଷ୍ଟା କରିଥାନ୍ତି । ସୁତରାଂ ଏହା ହେଉଛି ଅଲ୍ଲାଃ ତାଲାଙ୍କ ରହ୍‌ମତ୍ (ଅର୍ଥାତ କରୁଣା)ର ବ୍ୟବହାର । ଗୋଟିଏ ପଟେ ତ ଏକଥା ବତାଇଦେଲେ ଯେ ନାମଜ ମାମୁଲି ଜିନିଷ ନୁହେଁ, ତା'ର ହିସାବ ସର୍ବପ୍ରଥମେ ହେବ । ତେଣୁ ତାହାକୁ ପଢ଼ିବା ପ୍ରତି ଧ୍ୟାନ ଦିଅ କିନ୍ତୁ ତତ୍ ସହିତ ଏହା ମଧ କହିଲେ ଯେ ଯଦି ତକ୍‌ୱା ଉପରେ ପରିଚାଳିତ ହୋଇ ମୋ ଉପାସନାର ହକ୍‌କୁ ପ୍ରଦାନ କରିବା ପାଇଁ ଚେଷ୍ଟା କରୁଅଛ ତେବେ ପୁଣି ତୁମେ ଯେଉଁ ନୱାଫିଲ୍ ପଢୁଅଛ. ତାହାର ପୂଣ୍ୟ ଫରାଏଜ୍ ସହିତ ସମାନ ହୋଇଯିବ । ଏବଂ ମୁଁ କ୍ଷମାର ଚାଦରରେ ତୁମକୁ ଘୋଡ଼ାଇ ଦେବି ।

ସୁତରାଂ ଯେଉଁଠି ଏହାର ସୁସମାଚାର ଦିଆଯାଇଛି, ଯେଉଁଠି କ୍ଷମାର ଆଶା ଦିଆଯାଇଅଛି ସେଠାରେ ଅଲ୍ଲାଃ ତାଲାଙ୍କ କୃପାକୁ ଲାଭ କରିବାପାଇଁ ନୱାଫିଲ୍ ପ୍ରତି ମଧ ଧ୍ୟାନ ଆର୍କଷଣ କରାଯାଇଛି । ସୁତରାଂ ମୋମିନ୍ ହେଉଛନ୍ତି ସେମାନେ ଯେଉଁମାନେ ଈଶ୍ୱରଭୟ ହୃଦୟରେ ରଖି ଓ ତାହାଙ୍କ କୃପାକୁ ପ୍ରାପ୍ତ କରିବା ପାଇଁ ଯେଉଁଠି ନିଜ ଫରାଏଜ୍ ପ୍ରତି ଧ୍ୟାନ ଦେଇଥାନ୍ତି ସେଠି ନୱାଫିଲ୍ ପ୍ରତି ମଧ ଧ୍ୟାନ ଦେବେ କି ଏହାଦ୍ୱାରା ତାଙ୍କର ଫରାଏଜ୍‌ରେ ଥିବା ସ୍ୱଳ୍ପତା ପୂରଣ ହେବ । ସୁତରାଂ ଏହି ଲୋକମାନେ ହିଁ ଅଲ୍ଲାଃ ତାଲାଙ୍କୁ ଭୟ କରିଥାନ୍ତି ଏବଂ ତକ୍‌ୱା ଉପରେ ପରିଚାଳିତ ହୋଇଥାନ୍ତି ଏବଂ ଏହି ତକ୍‌ୱା ଯୋଗୁଁ ବାକି ପୂଣ୍ୟ କାର୍ଯ୍ୟଗୁଡ଼ିକୁ କରିବା ପ୍ରତି ମଧ ସେମାନଙ୍କର ଧ୍ୟାନ ରହିଥାଏ । ସେମାନଙ୍କ ହୃଦୟ ଅନ୍ୟମାନଙ୍କ ପ୍ରତି (ଅର୍ଥାତ ଆପୋଷରେ) ନମ୍ର ହୋଇଥାଏ । ସେମାନେ ଜଣେ ଅନ୍ୟଜଣଙ୍କଠାରୁ ପ୍ରତିଶୋଧ ନେବା ପରିବର୍ତେ କ୍ଷମା ଆଚରଣ କରିବା ପ୍ରତି ଧ୍ୟାନ ଦେଇଥାନ୍ତି । ଅଲ୍ଲାଃଙ୍କ ପ୍ରେମ/ସ୍ନେହ ଲାଭ କରିବା ପାଇଁ ଆପୋଷରେ ପ୍ରେମ ଓ ଭଲପାଇବାର ବ୍ୟବହାର ହୋଇଥାଏ । ସେମାନଙ୍କ ହୃଦୟରେ ବିନମ୍ରତା ସୃଷ୍ଟି ହୋଇଥାଏ । ଅନ୍ୟମାନଙ୍କ ଖାତିର୍ କୁର୍‌ବାନୀ (ଉତ୍ସର୍ଗୀକୃତ) ମନୋଭାବ ପୋଷଣ ହୋଇଥାଏ । ସୁତରାଂ ଏହି ଦୃଷ୍ଟି କୋଣରୁ ପ୍ରତ୍ୟେକ ନିଜନିଜର ସମିକ୍ଷା କରିବାର ଆବଶ୍ୟକତା ରହିଛି ଯେ କଣ ଆମଠାରେ ଏକଥା ଅଛି । ଯେ ପ୍ରକୃତ ଉପାସନାକାରୀ ପ୍ରତ୍ୟେକ ପ୍ରକାରର ପୂର୍ଣ୍ୟକର୍ମକୁ ଆପଣେଇବା ପାଇଁ ଚେଷ୍ଟା କରିଥାଏ ।

ଯଦି କାହାକୁ ନିଜ ଭାଇ ପାଇଁ ପ୍ରେମଭାବ ନାହିଁ ତେବେ ତା ନିକଟରେ ବାସ୍ତବିକ ତକ୍‌ୱା ନାହିଁ । ଯାହାର ହୃଦୟ ନମ୍ର ନାହିଁ ସେ ମଧ ନିଜର ଚିନ୍ତା କରୁ । ଯାହା ଘରେ ତା ସ୍ତ୍ରୀ ପିଲା ତା ଦ୍ୱାରା ଅସୁବିଧାରେ ଅଛନ୍ତି, ସେ ମଧ ତକ୍‌ୱାରୁ ଖାଲି ଅଛି । ଯେଉଁ ସ୍ତ୍ରୀ ମାନେ ନିଜ ସ୍ୱାମୀମାନଙ୍କର ଓ ସନ୍ତାନମାନଙ୍କର ହକ୍‌କୁ (ଅର୍ଥାତ ଅଧିକାର) ପ୍ରଦାନ କରୁନାହାନ୍ତି ଓ ସେମାନେ ଅନୁଚିତ ଡ଼ିମାଣ୍ଡ କରୁଛନ୍ତି, ସେମାନଙ୍କ ହୃଦୟ ମଧ ତକ୍‌ୱା ବିହୀନ । ସୁତରାଂ ଆପୋଷ ସୁସମ୍ପର୍କ / ବ୍ୟବହାର ପ୍ରତିଷ୍ଠ କରିବାରେ ଯେଉଁମାନେ ଖୁଦାଙ୍କ ଖାତିର ପ୍ରେମ ଓ ନମ୍ର ବ୍ୟବହାର କରିଥାନ୍ତି, ସେମାନେ ହିଁ ବାସ୍ତବିକ ତକ୍‌ଓ୍ୱବ ଉପରେ ପ୍ରତିଷ୍ଠିତ । ଆଁ ହଜରତ ସ:ଆ:ସ କହିଛନ୍ତି ଯେ ଅଲ୍ଲାଃ ତାଲା କୟାମତ ଦିନ କହିବେ ଯେ କେଉଁଠି ଅଛନ୍ତି ସେହି ଲୋକମାନେ, ଯେଉଁମାନେ ମୋ ପ୍ରତାପ ପାଇଁ ଓ ମୋ ମହାନତା ଖାତିର ଆପୋଷରେ ପ୍ରେମ କରୁଥିଲେ । ଆଜି ଯେବେ କି ମୋ ଛାୟା ବ୍ୟତିତ ଅନ୍ୟ କୌଣସି ଛାୟା ନାହିଁ, କୟାମତ ଦିନ, ମୁଁ ମୋର ଏହି କରୁଣାର ଛାୟା ତଳେ ସେମାନଙ୍କୁ ସ୍ଥାନ ଦେବି । *(ସହି ମୁସ୍‌ଲିମ୍ କିତାବୁଲ ବରିୟା........ ହଦିସ୍ ୨୫୬୬)*

ସୁତରାଂ ଯେଉଁମାନେ ଅଲ୍ଲାଃ ତାଲାଙ୍କ ଖାତିର ତାହାଙ୍କ ନିର୍ଦ୍ଦେଶାବଳୀ ଉପରେ ପରିଚାଳିତ ହୋଇ ଆପୋଷରେ ପ୍ରେମଭାବ ପୋଷଣ କରିଥାନ୍ତି, ସେହିମାନେ ହିଁ ଅଲ୍ଲାଃ ତାଲାଙ୍କ ପ୍ରେମ ଓ ସାନିଧ୍ୟ ଲାଭ କରିଥାନ୍ତି । ଅନ୍ୟ ରୂପରେ କହିଲେ ଏପରି ହେବ ଯେ ଯେଉଁମାନେ ଏପରି କରିନଥାନ୍ତି, ସେମାନେ ଅଲ୍ଲାଃ ତାଲାଙ୍କ ଅପ୍ରସନ୍ନତାର କାରଣ ହୋଇଥାନ୍ତି । ତେଣୁ ଏହି ମନୋଭାପବ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ନିଜ ମଧ୍ୟରେ ସୃଷ୍ଟି କରିବା ଉଚିତ । ଆମେ ଏ ସ୍ଲୋଗାନ ଦେଇଥାଉ କି "ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନାହିଁ" । ତେବେ ପ୍ରଥମେ ନିଜ ଘରେ, ନିଜ ସମାଜରେ ଏହାକୁ ପ୍ରକାଶ କରିବାର ଆବଶ୍ୟକତା ରହିଛି ଯଦ୍ୱାରା ପୃଥିବୀବାସୀଙ୍କୁ ବାସ୍ତବିକ ରୂପେ ଏହି ବାର୍ତା ପହଂଚାଇ ପାରିବ ଏବଂ ପୁଣି ଏହା ହେଉଛି ଏପରି କାର୍ଯ୍ୟ, ଯେଉଁଥିରେ ଅଳ୍ପ ଟିକିଏ ଚେଷ୍ଟା କରି, ବିନା କୌଣସି ବଡ଼ ପ୍ରଚେଷ୍ଟାରେ ଆମେ ଅଲ୍ଲାଃ ତାଲାଙ୍କ କରୁଣାର ଛାୟା ତଳେ ସ୍ଥାନ ପାଇପାରିବ । ଆଁ ହଜରତ ସ:ଆ:ସ ବିଭିନ୍ନ ଅବସରରେ ସମାଜର ଶାନ୍ତି ଓ ସୌହାର୍ଦ୍ଦ୍ୟକୁ ପ୍ରତିଷ୍ଠା କରିବା ପାଇଁ ସେହିପରି ପ୍ରେମ, ସ୍ନେହ ଏବଂ ଭାଇଚାରାକୁ ବଢ଼ାଇବା ପାଇଁ ଯେଉଁ ଉପଦେଶ ପ୍ରଦାନ କରିଛନ୍ତି, ସେ ସମ୍ବନ୍ଧରେ ଗୋଟିଏ ସ୍ଥାନରେ କହିଛନ୍ତି ଯେ ମୁସଲମାନ ହେଉଛି ଜଣେ ମୁସଲମାନର ଭାଇ ସଦୃଶ, ସେ ତା ଉପରେ ଅତ୍ୟାଚାର କରେ ନାହିଁ ଓ ନା ତାକୁ କେବେ ଏକୁଟିଆ ରହିବାକୁ ଦିଏ । ପୁଣି କହିଛନ୍ତି ଯେ ଯେଉଁ ବ୍ୟକ୍ତି ନିଜ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଭାଇର ଅସୁବିଧାକୁ ଦୂର କରିବାରେ ଲାଗିଥାଏ, ତା'ର ଆବଶ୍ୟକତାକୁ ପୂରଣ କରିଥାଏ, ଅଲ୍ଲାଃ ତାଲା ତା'ର ଆବଶ୍ୟକତାକୁ ପୂରଣ କରିଥାନ୍ତି । ଯିଏ ଜଣେ ମୁସଲମାନର ଦୁଃଖ କଷ୍ଟକୁ ଦୂର କଲା, ଅଲ୍ଲାଃ ତାଲା କୟାମତ ଦିନ ତା ଦୁଃଖ ବିପତିରୁ ଗୋଟିଏ ଦୁଃଖ ଦୂର କରିଦେବ । ଯିଏ କାହାର ଦୋଷ ଦୃବଳତାକୁ ଘୋଡ଼ାଇଦିଏ ଅଲ୍ଲାଃ ତାଲା କୟାମତ ଦିନ ତାର ଦୋଷ ଦୃବଳତାକୁ ଘୋଡ଼ାଇ ଦେବ । *(ସହି ବୁଖାରୀ କିତାବୁଲ୍ ମଜାଲିମ୍.....ହଦିସ୍ ୨୪୪୨)*

ସୁତରାଂ ଅଲ୍ଲାଃ ତାଲା ଭିନ୍ନ ଭିନ୍ନ ଉପାୟରେ ଆମ ଉପରେ ନିଜର କରୁଣା ଓ ଦୟା ଦୃଟ୍ଟି ପକାଇଥାଏ ଏବଂ ଆମକୁ କ୍ଷମା କରିବାର ଉପାୟ ପାଂଚିଥାଏ । ଏହି ମଣିଷ ହିଁ ନିଜର ଅଯୋଗ୍ୟତା, ବଡ଼ ପଣିଆ ଓ ଜିଦ୍ ଯୋଗୁଁ ଅଲ୍ଲାଃ ତାଲାଙ୍କୁ ନାରାଜ୍ କରିଥାଏ ।

ତେଣୁ ବହୁତ ଭୟର ସ୍ଥାନ, ବହୁତ ଚିନ୍ତା କରିବାର ଆବଶ୍ୟକତା ରହିଛି । ଏହି ଦିନଗୁଡ଼ିକରେ ଯେତେବେଳେ ଆମର ମନୋଭାବ, ଭାବନା ପୂଣ୍ୟ ପ୍ରତି ଆକର୍ଷଣ ହୋଇଛି । ଆମେ ଏ ମନୋଭାବ ରଖି ଏଠାକୁ ଆସିଅଛେ ଯେ ଗୋଟିଏ ଜଲ୍‌ସାରେ ସାମିଲ୍ ହେବା ଯେଉଁଠି ପୂଣ୍ୟକଥା ଶୁଣିବା, ତେଣୁ ନିଜ ନିଜର ସମିକ୍ଷା କରନ୍ତୁ, ନିଜର ସମିକ୍ଷା କରି ଉପାସନା କରିବା ସହିତ ପ୍ରାଣୀଜଗତର ଅଧିକାରକୁ ପ୍ରଦାନ କରିବା ପ୍ରତି ଧ୍ୟାନ ଦିଅନ୍ତୁ । ବିନମ୍ର ସ୍ୱଭାବ, ଆପୋଷ ପ୍ରେମଭାବ ଏବଂ ବିନୟି ହେବାର ବାସ୍ତବିକତାକୁ ଚିହ୍ନିବାକୁ ଚେଷ୍ଟା କରନ୍ତୁ । ଏହା ଏଥିଯୋଗୁଁ ମଧ୍ୟ ଆମ ପାଇଁ ଜରୁରୀ ଅଟେ ଯେ ଆମେ ହଜରତ ମସିହ ମଉଦ ଆ:ସଙ୍କ ସହିତ କରିଥିବା ବୟତର ପ୍ରତିଶୃତିରେ ଶିର୍କରୁ ଦୁରେଇ ରହିବା ପାଇଁ, ନମାଜ ପାଠ କରିବା ପାଇଁ, ଫର୍ଜ ନମାଜ ଓ ନଓ୍ୱାଫିଲ୍ ପାଳନ କରିବା ସହିତ ଏ ପ୍ରତିଶୃତି ମଧ୍ୟ କରିଛେ ଯେ ଆମେ ସାଧାରଣତଃ ଅଲ୍ଲାଃ ତାଲାଙ୍କ ପ୍ରାଣୀଜଗତକୁ ଓ ବିଶେଷରୂପେ ମୁସଲମାନମାନଙ୍କୁ କୁଭାବନାରେ ବହିଯାଇ କୌଣସି ପ୍ରକାରର କଷ୍ଟ ଦେବା ନାହିଁ । କେବଳ ମୁସଲମାନମାନଙ୍କୁ ନୁହେଁ ବରଂ ଯମାତ୍‌ର ସଦସ୍ୟମାନଙ୍କୁ ମଧ୍ୟ କଷ୍ଟ ଦେବା ନାହିଁ । ଠିକ୍ ଅଛି ନିଜ ଘରୁ ଆରମ୍ଭ କର, ଆପୋଷରେ ମଧ୍ୟ ହେବା ଉଚିତ ପୁଣି ମୁସଲମାନମାନଙ୍କ ପାଇଁ ପୁଣି ସର୍ବସାଧାରଣଙ୍କ ପାଇଁ ମଧ୍ୟ, ପ୍ରତ୍ୟେକଙ୍କ ପାଇଁ ଆମ ହୃଦୟ ଭିତରେ ପ୍ରେମ ଓ ଭଲପାଇବା ରହିବା ଉଚିତ । ନିଜ ମନର କୁଭାବନାରୁ ଆମକୁ ବଂଚି ରହିବା ଉଚିତ । ଆମେ ଆମ ଅଧିନସ୍ଥଙ୍କ ସହିତ ମଧ୍ୟ ସୁବ୍ୟବହାର କରିବା ଉଚିତ । ଆମର ବ୍ୟବହାର ଏପରି ରହିବା ଉଚିତ ଯେ, ଯଦ୍ୱାରା ଆମେ ଏପରି ହୋଇଯିବା କି ପ୍ରତ୍ୟେକ ବ୍ୟକ୍ତି ଆମର ଏହି ବ୍ୟବହାରକୁ ଏହି ପୂଣ୍ୟ କର୍ମକୁ ଯଦି ପରଖିବାକୁ ଚାହେଁ ତେବେ ପରଖି ପାରିବ । ଏହା ଦେଖିବା ଉଚିତ ଯେ, ଯାହା କୁହାଯାଇଛି କଣ ଏପରି ସ୍ତର ଆମର ରହିଛି କି ? କଣ ଆମେ ତା ମୁତାବକ ପରିଚାଳିତ ? ତେବେ ଯଦି ଏହି ସ୍ତର ଅଛି, ତେବେ ଅନ୍ୟ କେହି ଆମକୁ ତା ମୁତାବକ ଅର୍ଥାତ ସେହି ସ୍ତର ମୁତାବକ ପରଖିବାକୁ ଚାହେଁ ପରଖିପାରେ । ସେତେବେଳେ ଯାଇ ଆମେ ନିଜକୁ ପ୍ରକୃତ ମୋମିନ୍ ବୋଲି ବୋଲାଇ ପାରିବା ଏବଂ ବୟତର ହକ୍‌କୁ ପ୍ରଦାନ କରିପାରିବା । ଆମେ ଯେଉଁ ବୟତ କରିଛେ, ସେଥିରେ ଏହା ମଧ୍ୟ ଏକ ସର୍ତ ରହିଛି କି ଅହଂଙ୍କାରକୁ / ଗର୍ବକୁ ସମ୍ପୁର୍ଣ୍ଣରୂପେ ପରିତ୍ୟାଗ କରି ବିନମ୍ରତାର ସହିତ ଓ ଦରିଦ୍ରତାର ସହିତ ଜୀବନ ଅତିବାହିତ କରିବି । *(ଅଜାଲାଏ ଅଓହାମ୍, ରୁହାନୀ ଖଜାଇନ୍, ଖଣ୍ଡ-୩, ପୃ-୫୬୪)*

ଏହି ବିନମ୍ରତା ଓ ଦାରିଦ୍ରତା ସୃଷ୍ଟି କରିବା କେବଳ ହଜରତ ମସିହ ମଉଦ ଆ:ସ ଜଲ୍‌ସା ଅନୁଷ୍ଠିତ କରିବାର ଉଦ୍ଦେଶ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ଉଦ୍ଦେଶ୍ୟ ବୋଲି ବର୍ଣ୍ଣନା କରିନାହାନ୍ତି ବରଂ ଆମେ ଆପଣ ଆ:ସଙ୍କ ସହିତ ଯେଉଁ ବୟତର ପ୍ରତିଶୃତି କରିଅଛୁ ସେଥିରେ ଏହି ଶପଥ ରହିଛି ଯେ, ମୁଁ ବିନମ୍ରତା ଓ ଦାରିଦ୍ର୍ୟତା ଜୀବନ ଅତିବାହିତ କରିବି । ସୁତରାଂ ଏହି ଶପଥକୁ ପୂରା କରିବା ହେଉଛି ଆମର ଦାୟିତ୍ୱ ଓ ଏହା ହିଁ ସତ୍ୟପଥ ପ୍ରତି ଆଗମନ ହେବାର ପ୍ରଥମ ପଦକ୍ଷେପ ଯେ, ଆମେ ଯେଉଁ ବୟତର ଶପଥ କରିଅଛେ ତାହାକୁ ପୂରଣ କରିବା । ତେଣୁ ବୟତର ସର୍ତାବଳୀଗୁଡ଼ିକ ମଧ୍ୟ ପଢ଼ିବା ଉଚିତ, ପଢ଼ନ୍ତୁ ଏବଂ ଦେଖନ୍ତୁ ଯେ କ'ଣ ଆମେ ସତ୍ୟତାର ସହିତ ତା' ଉପରେ ପ୍ରତିଷ୍ଠିତ, କ'ଣ ଆମେ ତା ମୁତାବକ ନିଜ ଜୀବନକୁ ପରିଚାଳିତ କରିବା ପାଇଁ ଚେଷ୍ଟା କରୁଅଛେ କି ଯଦି ନୁହେଁ ତେବେ ଏ ପୃଥିବୀକୁ ସୁଧାରିବା ପାଇଁ ଆମେ ଯେଉଁ ଦାବି କରୁଅଛେ ତାହା ଭୁଲ୍ ଏହା ପୂର୍ବରୁ ଆମେ ନିଜକୁ ସୁଧାରିବା ପାଇଁ ଚେଷ୍ଟା କରିବାକୁ ହେବ ନଚେତ ଆମେ ସେହି ଲୋକମାନଙ୍କ ମଧ୍ୟରେ ପରିଗଣିତ ହୋଇଯିବା ଯେଉଁମାନେ କହୁଛନ୍ତି କିଛି କିନ୍ତୁ କରୁଛନ୍ତି ତାର ଓଲଟା । ଅଲ୍ଲାଃ ତାଲା ଏହିପରି ଲୋକମାନଙ୍କୁ ପସନ୍ଦ କରନ୍ତି ନାହିଁ । କାରଣ ଆମର କର୍ମ ଆମ ସତ୍ୟତାର ପରିବର୍ତେ ଆମର ମିଥ୍ୟାକୁ ତସ୍‌ଦିଗ୍ କରୁଥିବ । ଏବଂ ଯେତେବେଳେ କହିବା ଓ କରିବାରେ ପ୍ରଭେଦ ଦେଖାଯିବ ସେତେବେଳେ ପୁଣି ଧର୍ମ ସେବା କରିବାର ଯେଉଁ ଦାବି ରହିଛି ଓ ସେଥିପ୍ରତି ଯେଉଁ ଉତ୍ସାହ ଦେଖାଯାଉଛି ତାହା ଭୁଲ ହୋଇଯିବ ।

ଅବଶ୍ୟ ହଜରତ ମସିହ ମଉଦ ଆ:ସ ହେଉଛନ୍ତି ସତ୍ୟବାଦି, ଆପଣ ଆ:ସଙ୍କ ଦାବି ସତ୍ୟ ଉପରେ ଆଧାରିତ, ଅବଶ୍ୟ ଅଲ୍ଲାଃ ତାଲା ଆପଣ ଆ:ସଙ୍କ ସଫଳତାର ପ୍ରତିଶୃତି ଦେଇଛନ୍ତି, ଅବଶ୍ୟ ଅଲ୍ଲାଃ ତାଲା ଆପଣ ଆ:ସଙ୍କୁ ଏକ ନିଷ୍ଠାବାନ୍ ଯମାତ୍ ପ୍ରଦାନ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି କିନ୍ତୁ ଯଦି ଆମର ଅବସ୍ଥା ଏପରି ନାହିଁ ତେବେ ପୁଣି ଆମେ ସେମାନଙ୍କ ମଧ୍ୟରେ ସାମିଲ ହୋଇପାରିବା ନାହିଁ । ଯେଉଁମାନେ ଆପଣଙ୍କ ସିଲ୍‌ସିଲାକୁ ସାହାଯ୍ୟ କରୁଛନ୍ତି । ସୁତରାଂ ବୟତର ବୈଭବକୁ ହାସଲ କରିବା ପାଇଁ ନିଜର ଅବସ୍ଥାକୁ ସମୀକ୍ଷା ଓ ସମିକରଣ କରିବାର ଆବଶ୍ୟକତା ରହିଛି । ଜଲ୍‌ସାର ଉଦ୍ଦେଶ୍ୟ ସମ୍ବନ୍ଧରେ ଯାହା କିଛି ଆପଣ ବର୍ଣ୍ଣନା କରିଛନ୍ତି ତା ଉପରେ ଚିନ୍ତା କରିବାର ଆବଶ୍ୟକତା ରହିଛି । ସୌଭାଗ୍ୟ କ୍ରମେ ଜଲ୍‌ସାର ଏହି ତିନିଦିନ ଆମକୁ ଉକ୍ତ କଥା ପ୍ରତି ଚିନ୍ତା କରିବା ନିମନ୍ତେ ମିଳିଅଛି । ଏହି ଦିନ ଗୁଡ଼ିକରେ ସମସ୍ତେ ନିଜ ନିଜର ଅନୁଶୀଳନ କରନ୍ତୁ ଏଣୁତେଣୁ ଗପ ମାରି ନିଜର ସମୟ ଅତିବାହିତ କରିବା ପରିବର୍ତେ ଦୁଆ, ଇସ୍‌ତିଫାର୍ ଏବଂ ଦରୁଦ ପାଠ କରିବା ନିମନ୍ତେ ଆମକୁ ଧ୍ୟାନ ଦେବା ଉଚିତ ସେତେବେଳେ ଯାଇ ଆମେ ଏହି ଜଲ୍‌ସାରୁ ଲାଭ ଉଠାଇପାରିବା । ହଜରତ ମସିହ ମଉଦ ଆ:ସ କହୁଛନ୍ତି ଯେ,

ମୋ ସବୁ ଯମାତ୍ ଏହି ଓ୍ୱସିଅତ୍‌କୁ ଧ୍ୟାନ ଦେଇ ଶୁଣନ୍ତୁ ଯେ, ଯେଉଁମାନେ ଏହି ସିଲ୍‌ସିଲାରେ ପ୍ରବେଶ ହୋଇ ମୋ ସହିତ ଶିଶତ୍ୱର ସମ୍ପର୍କ ପ୍ରତିଷ୍ଠା କରିଛନ୍ତି, ଏହାର ଉଦ୍ଦେଶ୍ୟ ହେଉଛି ଏହା କି ସେମାନେ ପୂଣ୍ୟବନ୍ତ, ନିଷ୍ଠାବାନ୍ ଏବଂ ତକ୍‌ଓ୍ୱାର ଉଚ୍ଚତମ ସ୍ତରକୁ ପଂହଚି ଯାନ୍ତୁ । ଏବଂ କୌଣସି ପ୍ରକାର ବିଭ୍ରାଟ କାର୍ଯ୍ୟ, ଧୃଷ୍ଟତା ଏବଂ କୁପ୍ରବୃତି ସେମାନଙ୍କ ନିକଟକୁ ନ ଆସିପାରୁ । ଏହା ହେଉଛି ତକଓ୍ୱା ସ୍ତର । କୌଣସି ପ୍ରକାରର ମଧ୍ୟ ଖରାପ ପ୍ରକୃତିର କାର୍ଯ୍ୟ ସେମାନଙ୍କଠାରେ ଦେଖା ନଯାଉ । ପୁଣି କହୁଛନ୍ତି ସେ ପାଂଚବେଳା ନମାଜକୁ ବାଯମାତ୍ (ସାମୁହିକ) ପାଠ କରୁ । ସେ ମିଛି ନ କହୁ, ସେ କାହାକୁ ନିଜ ମୁଖ ଦ୍ୱାରା ଦୁଃ ଖ ନ ପଂହଚାଉ, କୌଣସି କଷ୍ଟ ନଦେଉ । ସେ କୌଣସି ପ୍ରକାରର ବଦ୍‌କାରି (ଅର୍ଥାତ କୁକର୍ମ) ନ କରୁ ଏବଂ କୌଣସି ପ୍ରକାରର ଧୃଷ୍ଟତା, ଅତ୍ୟାଚାର, ବିଭ୍ରାଟ ଏବଂ ଫିତ୍‌ନାର ମନୋଭାବ ମଧ୍ୟ ହୃଦୟ ଭିତରେ ନ ଆଣୁ ସୁତରାଂ ପ୍ରତ୍ୟେକ ପ୍ରକାରର ପାପ, ଅପରାଧ , ଔଚିତ୍ୟତା ଏବଂ ଅନୁଚିତତା ଏବଂ ସମସ୍ତ ପ୍ରକାରର ନିଜସ୍ୱ କୁପ୍ରବୃତି ଓ ଅଯଥା କାର୍ଯ୍ୟରୁ ବଂଚିତ ରହନ୍ତୁ । ପ୍ରତ୍ୟେକ ପ୍ରକାରର ଖରାପ କାର୍ଯ୍ୟରୁ ଓ ମନୋଭାବରୁ ବଂଚି ରହନ୍ତୁ । ଖୁଦାତାଲାଙ୍କ ପବିତ୍ର ହୃଦୟ ନୀରିହ ଏବଂ ଗରିବ ସ୍ୱଭାବର ଭକ୍ତ ହୋଇଯାନ୍ତୁ । ଏପରି ହୋଇଯାନ୍ତୁ ଯାହାଙ୍କ ହୃଦୟ ହେଉଛି ପବିତ୍ର, ଯାହାଙ୍କଠାରୁ କେବେ ଦୁଷ୍ଟାମି କରାଯାଇନାହିଁ ଏବଂ ସର୍ବଦା ଗରିବ ସ୍ୱଭାବର ହୋଇ ରହିଥାନ୍ତି ସେମାନଙ୍କଠରେ ବିନୟ ଭାବ ଦେଖାଯାଇଥାଏ ଏବଂ କୌଣସି ପ୍ରକାରର ଜହରପୂର୍ଣ୍ଣ ଅସ୍ତିତ୍ୱ ସେମାନଙ୍କ ଶରୀର ଭିତରେ ନ ରହୁ । ସମଗ୍ର ପ୍ରାଣୀଜଗତ ସହିତ ସାହାନୁଭୁତିଶୀଳ ହେବା ସେମାନଙ୍କର ନିୟମ ବା ସିଦ୍ଧାନ୍ତ । ଖୁଦାତାଲାଙ୍କୁ ଡ଼ରନ୍ତୁ ନିଜ ଜିହ୍ୱା, ନିଜ ହାତ ଏବଂ ହୃଦୟର ଭାବନାକୁ ସମସ୍ତ ପ୍ରକାରର ଅପବିତ୍ରତା, ବିଭ୍ରାଟ ସୃଷ୍ଟି କରିବାର ଶୈଳୀ ଏବଂ ଖୟାନତରୁ ବଂଚନ୍ତୁ । ଏବଂ ନିଜର ପାଂଚବେଳା ନମାଜକୁ ନିୟମିତ ପାଠକରନ୍ତୁ । ଅତ୍ୟାଚାର, ଜୁଲମ୍, ଆତ୍ମସାତ, ଲାଂଚ ଏବଂ ଅନ୍ୟମାନଙ୍କ ହକ୍‌କୁ ମାରିବା ସେହିଭଳି ଅନାବଶ୍ୟକ ତରଫଦାରୀ କରିବାରୁ ବଂଚି ରହନ୍ତୁ । ଲୋକମାନଙ୍କର ହକ୍ ମାରିବା, ଭୁଲ ତରଫଦାରି କରିବା କାହାକୁ ଭୁଲ୍‌ରେ କ୍ଷତି ପହଂଚାଇବା ଇତ୍ୟାଦି କାର୍ଯ୍ୟରୁ ନିବୃତ ରୁହନ୍ତୁ । କୌଣସି ଖରାପ ସାଙ୍ଗଙ୍କ ସହିତ ବସନ୍ତୁ ନାହିଁ ଅର୍ଥାତ କୁସଙ୍ଗରୁ ବଂଚି ରହନ୍ତୁ । ଏ କଥା ପିଲାମାନଙ୍କୁ ମଧ୍ୟ ମନେ ରଖିବା ଉଚିତ ଓ ପିଲାମାନଙ୍କ ମାଆ ବାପାଙ୍କୁ ମଧ୍ୟ ଏକଥା ମନେ ରଖିବା ଉଚିତ ଯେ, ସେମାନେ ଦେଖନ୍ତୁ କି ତାଙ୍କ ପିଲାମାନେ ଏହି ସମାଜରେ କୌଣସି କୁଃସଙ୍ଗ କରୁନାହାନ୍ତି ତ' ଯଦି କରୁଛନ୍ତି ତେବେ ସେମାନେ ମଧ୍ୟ ସେହିପରି ହୋଇଯିବେ । ବେଳେବେଳେ ଏକଥା ଜଣାପଡ଼େନାହିଁ । କିନ୍ତୁ ପରେ ଯେବେ ଏକଥା ପ୍ରମାଣିତ ହୋଇଯାଏ ଯେ, ଯେଉଁ ବ୍ୟକ୍ତି ତା ନିକଟକୁ ଯା'ଆସ କରୁଥାଏ, ବସା ଉଠା କରୁଥାଏ ଓ ତା ସହିତ ସାକ୍ଷାତ କରିଥାଏ ସେ ଖୁଦାତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡ଼ିକ ଉପରେ ପରିଚାଳିତ ନୁହେଁ ବା ଉପାସନାର ହକ୍ ପ୍ରତି ତା'ର କୌଣସି ପରବାୟ ନାହିଁ ବା ଅତ୍ୟାଚାରି, ଦୁଷ୍ଟ ପ୍ରବୃତି ଓ ଖଳ ଲୋକ ଅଟେ ତେବେ ତୁମ ପାଇଁ ଏହା ଜରୁରୀ ହେବ କି, ସେହି ଖରାପ କାର୍ଯ୍ୟକୁ ନିଜ ମଧ୍ୟରୁ ଦୁର କରିଦିଅନ୍ତୁ, ତା' ସହିତ ସମ୍ପର୍କ ଛିନ୍ନ କର । ଜଣେ ଅହେମଦୀ ଭଲ ସୋସାଇଟିରେ ରହିବା ଉଚିତ ଓ ଭଲ ସଙ୍ଗତ କରିବା ଉଚିତ ।

ପୁଣି କହୁଛନ୍ତି ଏବଂ ଏପରି ଲୋକମାନଙ୍କଠାରୁ ଦୁରେଇ ରୁହ ଯେଉଁମାନେ ହେଉଛନ୍ତି ବିପଦପୂର୍ଣ୍ଣ । ଏବଂ କୌଣସି ଧର୍ମ, କୌଣସି ଜାତି ଏବଂ କୌଣସି ସମ୍ପ୍ରଦାୟର ଲୋକଙ୍କୁ କ୍ଷତି ପହଂଚାଇବା ପାଇଁ ଭାବ ନାହିଁ । କାହାରିକୁ କ୍ଷତି ପହଂଚାଅ ନାହିଁ, ସେ ଯେ କୌଣସି ଧର୍ମର ବ୍ୟକ୍ତି ହୋଇଥାଉ ପଛେ, କୌଣସି ଜାତିର ହୋଇଥାଉ ପଛେ ଓ କୌଣଦି ଗୋଷ୍ଠୀ ହୋଇଥାଉ ପଛେ ତୁମ ଦ୍ୱାରା କାହାରିକୁ କ୍ଷତି ପଂହଚିବା ଉଚିତ ନୁହେଁ ଏବଂ ସମସ୍ତଙ୍କ ପାଇଁ ସଚ୍ଚା ଉପଦେଶକ ହୁଅ । ଯଦି ଉପଦେଶ ଦେବାକୁ ପଡୁଛି ତେବେ ସତ୍ୟ ଉପଦେଶ ଦିଅ ଅର୍ଥାତ ତୁମର କର୍ମ ଓ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

*ପୃଷ୍ଠା- ୧୨ର ଅବଶିଷ୍ଟାଂଶ.....*

ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ବହୁତ ଉତ୍ସାହିତ ହୋଇ ସ୍ୱାଗତ ଜଣାଇଲେ ଆସ୍ଥା ଓ ପ୍ରେମ ଭାବର ହାତ ଚାରିଆଡ଼େ ଉପରକୁ ଉଠି ରହିଥିଲା ଏବଂ *ଅହଲଉଁ ଓ୍ୱ ସହଲଉଁ ଓ୍ୱ ମରହବା* ର ଧ୍ୱନୀ ଚାରିଆଡ଼େ ଗୁଞ୍ଜନ ହେଉଥିଲା ।

ଗୋଟିଏ ପଟେ ଯମାତ୍‌ର ସଦସ୍ୟମାନେ ବହୁତ ଉତ୍ସାହିତ ହୋଇ ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଉଥିଲେ । ସେଠି ଅନ୍ୟପଟେ ଛୋଟଛୋଟ ପୁଅ ଝିଅମାନେ ଭିନ୍ନ ଭିନ୍ନ ଦଳ ଆକାରରେ ସ୍ୱାଗତ ସମ୍ବର୍ଦ୍ଧନା ମୁଳକ ଗୀତ ଏବଂ ଦୁଆଇୟା ନଜମ୍ ପାଠ କରୁଥିଲେ । ମହିଳାମାନେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପାଉଥିଲେ । ମୁକରମ୍ ଇଦ୍‌ରିସ୍ ଅହମଦ୍ ସାହେବ୍ ଲୋକାଲ୍ ଅମୀର୍ ଫ୍ରାଙ୍କଫର୍ଟ, ମୁକରମ୍ ହଏଦର୍ ଅଲୀ ଜଫର୍ ସାହେବ୍ ନାଏବ୍ ଅମୀର ଜର୍ମାନୀ, ମୁକରମ୍ ଇମ୍‌ତିଆଜ୍ ଶାହିନ୍ ସାହେବ୍ ମୁବ୍‌ଲିଗ୍ ଫ୍ରାଙ୍କଫର୍ଟ ଏବଂ ମୁକରମ୍ ମୁବାରକ୍ ଜାଓ୍ୱେଦ୍ ସାହେବ ଜେନେରାଲ୍ ସେକ୍ରେଟାରୀ ଲୋକାଲ୍ ଇମାରତ୍ ଫ୍ରାଙ୍କଫର୍ଟ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଏବଂ ହାତ ମିଳାଇବାର ସୌଭାଗ୍ୟ ପାଇଲେ ।

ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇବା ପାଇଁ ଏହି ସଦସ୍ୟମାନେ ଫ୍ରାଙ୍କଫର୍ଟ ସହରର ବିଭିନ୍ନ ଇଲାକା ବ୍ୟତିତ

Raunheim- Russelsheim
Bad Vilbel - Eschborn
Morfelden - Butzbach
Usingen - Steinheim
BadHomburg - Oberussel
Kassel - Mannheim
Karlsruhe - Fulda
Rudesheim - Darmstadt
Freidberg - Hanau
ଓ୍ୱିଜ୍‌ବାଦନ୍ - ଗିଜନ୍
ହାଇଡ଼ଲ୍‌ବର୍ଗ
ରୁ ଆସିଥିଲେ ।

ନିଜର ଆକାଙ୍କୁ ସ୍ୱାଗତ ଜଣାଇବାକୁ ଆସିଥିବା କେତେକ ସଦସ୍ୟ ଓ ପରିବାର ଗୁଡ଼ିକ ବହୁତ ଲମ୍ବା ଲମ୍ବା ରାସ୍ତାକୁ ଅତିକ୍ରମ କରି ଏଠାକୁ ଆସି ପଂହଚିଥିଲେ । କୋଲୋନ୍‌ରୁ ଆସିଥିବା ଲୋକମାନେ ୨୦୦ କି.ମି, ର୍ଡ଼ଟମୁଣ୍ଡ ଏବଂ ଡ଼ଜଲ୍‌ଡ଼ୋଫ୍ ରୁ ଆସିଥିବା ସଦସ୍ୟମାନେ ୨୫୦ କି.ମି, ଆଖନ୍ ଏବଂ ହାନୋଭର୍‌ରୁ ଆସିଥିବା ଲୋକମାନେ ୩୦୦ କି.ମି, ଯେବେକି ହମ୍‌ବର୍ଗରୁ ଆସିଥିବା ଲୋକେ ୫୫୦ କି.ମି ଏବଂ ବର୍‌ଲିନ୍‌ରୁ ଆସିଥିବା ଲୋକମାନେ ୬୦୦ କିଲୋମିଟରର ଲମ୍ବା ରାସ୍ତାକୁ ଅତିକ୍ରମ କରି ଏଠାକୁ ଆସି ପଂହଚିଥିଲେ ।

ଜଲ୍‌ସା ସାଲାନା ଜର୍ମାନୀରେ ଯୋଗଦେବାପାଇଁ ବିଦେଶରୁ ଅତିଥିମାନେ ଅତିଥିମାନଙ୍କର ଏବଂ ପ୍ରତିନିଧିମଣ୍ଡଳଙ୍କ ଆସିବାର ଧାରା ଜାରି ରହିଛି । ଏପର୍ଯ୍ୟନ୍ତ ରଷିଆ, କିର୍ଜିଗିସ୍ତାନ, ବୁର୍‌କିନା ଫାସୋ, ମାଲି, କଙ୍ଗୋ, ସିରିୟାଲିଓନ୍, ନାଇଜେରିଆ, ଘାନା, ନାଇଜର୍, ବେନିନ୍, ଅଲ୍‌ବାନିଆ, ସିନିଗାଲ୍, ଇଣ୍ଡୋନେସିଆ ଏବଂ କିଛି ପୂର୍ବ ୟୁରୋପୀୟ ଦେଶଗୁଡ଼ିକରୁ କିଛି ସଦସ୍ୟମାନେ ଏବଂ କେତେକ ପ୍ରତିନିଧିମଣ୍ଡଳ ଜର୍ମାନୀରେ ପହଂଚି ସାରିଥିଲେ ଓ ଏମାନେ ସମସ୍ତେ ନିଜର ପ୍ରୀୟ ଆକାଙ୍କୁ ସ୍ୱାଗତ କରିଥିବା ଲୋକମାନଙ୍କ ମଧ୍ୟରେ ସାମିଲ୍ ଥିଲେ । ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ କରିଥିବା ଲୋକମାନଙ୍କ ସଂଖ୍ୟା ୨ ହଜାର ୩୦୦ ଥିଲା ।

ଠିକ୍ ୧୦:୫୦ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ପଂହଚି ମଗ୍‌ରିବ୍ ଏବଂ ଇଶା ନମାଜ ଯମା କରି ପଢ଼ାଇଲେ । ନମାଜ୍ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବା ପାଇଁ ଜର୍ମାନୀର ବିଭିନ୍ନ ଯମାତ୍‌ଗୁଡ଼ିକରୁ ଯେଉଁ ସଦସ୍ୟମାନେ ଏଠାରେ ଆସି ପଂହଚିଥିଲେ ସେମାନେ ସମସ୍ତେ ନିଜ ପ୍ରୀୟ ଆକାଙ୍କ ନେତୃତ୍ୱରେ ମଗ୍ରିବ ଏବଂ ଇଶା ନମାଜ୍ ପଢ଼ିବାର ସୌଭାଗ୍ୟ ପ୍ରାପ୍ତ କଲେ । ସେମାନଙ୍କ ମଧ୍ୟରୁ ଗୋଟିଏ ବହୁତ ବଡ଼ ସଂଖ୍ୟା ଏପରି ସୌଭାଗ୍ୟବାନ ଲୋକ ଥିଲେ ଓ ଯୁବକମାନେ ଥିଲେ ଯେଉଁମାନେ ବିଗତ ବର୍ଷ ଗୋଟିଏ ବର୍ଷ ମଧ୍ୟରେ ପାକିସ୍ତାନରୁ ହିଜ୍‌ରତ୍ କରି ବା ଆଉ କୌଣସି ମାଧ୍ୟମ ଦେଇ ଏଠାରେ ପହଂଚିଥିଲେ । ତାଙ୍କ ଜୀବନରେ ପ୍ରୀୟ ଆକାଙ୍କ ନେତୃତ୍ୱରେ ଏହା ପ୍ରଥମ ନମାଜ ଥିଲା । ଏହି ସବୁ ଲୋକମାନେ ନିଜ ନିଜର ସୌଭାଗ୍ୟ ଯୋଗୁଁ ବହୁତ ଆନନ୍ଦିତ ଥିଲେ ଏବଂ ଏହି ଅତି ପବିତ୍ର କ୍ଷଣଗୁଡ଼ିକରୁ ଲାଭାନ୍ୱିତ ହେଉଥିଲେ ଯାହା ସେମାନଙ୍କ ଜୀବନରେ ପ୍ରଥମ ଅବସର ଥିଲା ।

ଅଲ୍ଲାଃ ତାଲା ଏହି ବର୍‌କତ୍ ଏବଂ ଏହି ସୌଭାଗ୍ୟ ଆମ ସମସ୍ତଙ୍କ ପାଇଁ ମୁବାରକ୍ କରନ୍ତୁ ଏବଂ ଆମର ଆସନ୍ତା ପୀଢ଼ୀ ଏବଂ ସନ୍ତାନମାନେ ମଧ୍ୟ ଏହି ପୁରସ୍କାରରୁ ସର୍ବଦା ଲାଭ ପାଇ ଚାଲନ୍ତୁ ଆମୀନ୍

**୦୩ ଜୁଲାଇ ୨୦୧୯ (ବୁଧବାର)**

ହଜୁର ଅନଓ୍ୱର ଅ:ବ:ଅ ଭୋର୍ ୪:୧୫ ମିନିଟ୍‌ରେ ଆସି ଫଜର୍ ନାମଜ୍ ପଢ଼ାଇଲେ ନାମଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଡ଼ାକ୍, ଚିଠିପତ୍ର ଏବଂ ରିପୋର୍ଟସ ଇତ୍ୟାଦି ଦେଖିଲେ ଓ ସେଥିରେ ହିଦାୟତ ପ୍ରଦାନ କଲେ ।

**ଫ୍ୟାମିଲି ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ଠିକ୍ ୧୧ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରରେ ପହଂଚିଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସକାଳରେ ଏହି ସେସନ୍‌ରେ ୩୫ଟି ଫ୍ୟାମିଲିରୁ ୧୨୧ ଜଣ ସଦସ୍ୟ ଏବଂ ୩୮ ଜଣ ମହିଳା ବ୍ୟକ୍ତିଗତ ରୂପେ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ । ସାକ୍ଷାତ କରିବାକୁ ଆସିଥିବା ଏହି ଫ୍ୟାମିଲି ଗୁଡ଼ିକ ଜର୍ମାନୀର ଭିନ୍ନ ଭିନ୍ନ ୨୩ଟି ଯମାତ୍‌ରୁ ଆସି ପହଂଚିଥିଲେ ।

ଏତଦ୍‌ବ୍ୟତିତ ପାକିସ୍ତାନ, ଚାର୍ଡ଼, କଙ୍ଗୋ, ମାଲି, ଘାନା, ତାନ୍‌ଜାନିଆ, କର୍ତର, ବୁର୍‌କୀନାଫାସୋ, ଗାମ୍ବିୟା, ସିନିଗାଲ୍, ମରିସସ୍, ପର୍ତୁଗାଲ୍, ଇଣ୍ଡୋନେସିୟା ଏବଂ ସାଉଦୀଆରବରୁ ଆସିଥିବା ଲୋକମାନେ ଓ ଫ୍ୟାମିଲିଗୁଡ଼ିକ ମଧ୍ୟ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଜର୍ମାନୀର ବିଭିନ୍ନ ଯମାତ୍‌ଗୁଡ଼ିକରୁ ଆସିଥିବା ସଦସ୍ୟମାନେ ଓ ପରିବାର ଗୁଡ଼ିକ ମଧ୍ୟରୁ କେତେକ ଲୋକ ବହୁତ ଲମ୍ବା ରାସ୍ତାକୁ ଅତିକ୍ରମ କରି ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାପାଇଁ ଏଠାରେ ପହଂଚିଥିଲେ । Bielefeld ରୁ ଆସିଥିବା ଲୋକମାନେ ୨୬୦ କି.ମି ଦୁରତାକୁ ଅତିକ୍ରମ କରି ଆସିଥିଲେ । Aachen ରୁ ଆସିଥିବା ସଦସ୍ୟମାନେ ୨୬୫ କି.ମି ଏବଂ Munchen ରୁ ଆସିଥିବା ସଦସ୍ୟମାନେ ୪୦୦ କି.ମି ଯେବେ କି ହାମ୍ବର୍ଗରୁ ଆସିଥିବା ଲୋକମାନେ ୫୦୦ କି.ମି ଯାତ୍ରା କରି ଆସିଥିଲେ ଏବଂ ବର୍ଲିନ୍‌ରୁ ଆସିଥିବା ସଦସ୍ୟ ଓ ଫ୍ୟାମିଲି ଗୁଡ଼ିକ ୫୩୦ କି.ମି ଲମ୍ବା ରାସ୍ତାକୁ ଅତିକ୍ରମ କରି ସାକ୍ଷାତକାର ନିମନ୍ତେ ଉପସ୍ଥିତ ହୋଇଥିଲେ ।

ସାକ୍ଷାତ କରିବାକୁ ଆସିଥିବା ଏହି ସମସ୍ତ ସଦସ୍ୟମାନେ ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ପାଠ ପଢୁଥିବା ଶିକ୍ଷାର୍ଥୀଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ବୟସର ପିଲାମାନଙ୍କୁ ଚକଲେଟ୍ ପ୍ରଦାନ କଲେ ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ଦ୍ୱିପ୍ରହର ୧:୪୦ ମିନିଟ୍ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ନିଜର ଆବାସସ୍ଥଳୀକୁ ଚାଲିଗଲେ । ଠିକ୍ ୨ଟା ସମୟରେ ହଜୁର ଅନଓ୍ୱର ଅ:ବ:ଅ ପଦାର୍ପଣ କରି ଜୋହର୍ ଏବଂ ଅସର ନମାଜ ଜମା କରି ପଢ଼ାଇଲେ । ନାମଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଏହି ତୃତୀୟ ପ୍ରହରରେ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତର କାର୍ଯ୍ୟକୁ ସମ୍ପାଦନ କରିବାରେ ଲାଗି ରହିଲେ ।

**ସାମୁହିକ ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ୬ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ରେ ଥିବା ହଲ୍ ଭିତରକୁ ପଦାର୍ପଣ କଲେ । ଯେଉଁଠି ବର୍ଷତମାମ ବିଭିନ୍ନ ମାଧ୍ୟମ ଦ୍ୱାରା ପାକିସ୍ତାନରୁ ଲୋକମାନେ ଆସି ଜର୍ମାନୀରେ ପହଂଚିଛନ୍ତି ଏତଦ୍‌ବ୍ୟତିତ ଯୁବକମାନଙ୍କ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କ ସାକ୍ଷାତ କରିବାର ପ୍ରୋଗ୍ରାମ ଥିଲା । ଏହି ଯୁବକମାନଙ୍କର ମୋଟ ସଂଖ୍ୟା ୨୦୦ ରୁ ଅଧିକା ଥିଲା ଏବଂ ଏମାନେ ଜର୍ମାନୀର ବିଭିନ୍ନ ଯମାତ୍‌ଗୁଡ଼ିକରୁ ଆସି ସାକ୍ଷାତକାର କରିବାକୁ ପହଂଚିଥିଲେ । ଆଜି ଏମାନେ ସମସ୍ତେ ନିଜ ଜୀବନର ପ୍ରଥମଥର ପାଇଁ ନିଜର ପ୍ରୀୟ ଆକାଙ୍କୁ ଦର୍ଶନ କରିବାର ଲାଭ ଉଠାଉଥିଲେ । ଏମାନେ ସମସ୍ତେ ଏପରି ଲୋକ ଥିଲେ ଯେଉଁମାନେ ନିଜ ଦେଶରେ ହିଁ, ନିଜ ଦେଶର ଲୋକମାନଙ୍କ ଦ୍ୱାରା ପ୍ରତାଡ଼ିତ ହେଉଥିଲେ ଏବଂ ନିଜ ଘରବାଡ଼ି ଓ ନିକଟ ସମ୍ପର୍କୀୟଙ୍କୁ ଛାଡ଼ି ଅଲ୍ଲାଃଙ୍କ ପ୍ରସନ୍ନତାରେ ରାଜି ରହି ହିଜ୍‌ରତ୍ କରି ଏହି ଦେଶରେ ଆସି ବସବାସ କରୁଥିଲେ ।

ହଜୁର ଅନଓ୍ୱର ଅ:ବ:ଅ ଜଣ ଜଣ କରି ସମସ୍ତଙ୍କ ସହିତ ହାତ ମିଳାଇଲେ ଏବଂ କେତେକଙ୍କୁ ପଚାରିଲେ କେଉଁଠାରୁ ଆସିଛ, କେଉଁ ଯମାତ୍‌ରୁ ଆସିଅଛ । କେତେକ ଲୋକମାନଙ୍କୁ ଆଜାଇଲମ୍ କେସ୍ ସମ୍ବନ୍ଧରେ ମଧ୍ୟ ପଚାରି ବୁଝିଲେ । ଏହି ଯୁବକମାନେ ମଧ୍ୟ ନିଜର ପ୍ରୀୟ ଆକାଙ୍କ ସହିତ କରମର୍ଦ୍ଦନ କରି ହଜୁର ଅନଓ୍ୱର ଅ:ବ:ଅଙ୍କ ସଙ୍ଗେ କଥା ହେବାର ସୌଭାଗ୍ୟ ପାଇଲେ । ଏହି ଲୋକମାନେ କେଡ଼େ ହିଁ ସୌଭାଗ୍ୟବାନ ଥିଲେ ଯେ, ସେମାନେ ନିଜ ପ୍ରୀୟ ଆକାଙ୍କ ଅତି ନିକଟରେ କିଛି ଘଡ଼ି ବିତାଇଲେ ତେଣୁ ସେମାନଙ୍କର ହୃଦୟ ସାନ୍ତ୍ୱନାରେ ଭରିଗଲା ଓ ଜୀବନର ଧାରା ପରିବର୍ତନ ହୋଇଗଲା ଏବଂ ଏମାନେ କେବେ ମଧ୍ୟ ଶେଷ ହେଉନଥିବା ପ୍ରାର୍ଥନାର ଗନ୍ତାଘରକୁ ସାଥିରେ ନେଇ ଏଠାରୁ ବିଦା ହେଲେ । ସାକ୍ଷାତ କରିବାର ସୌଭାଗ୍ୟ ପାଇଥିବା ଏହି ଯୁବକମାନେ ଯେତେବେଳେ ମସ୍‌ଜିଦ୍‌ର ହଲ୍ ଭିତରୁ ବାହାରକୁ ଆସୁଥିଲେ ସେତେବେଳେ ସେମାନଙ୍କ ହୃଦୟ ଭିତରେ ଏକ ଅଲଗା ପ୍ରକାରର ଅନୁଭୁତି ବାରି ହେଇପଡୁଥିଲା । ଅଧିକାଂଶଙ୍କ ଆଖି ଅଶ୍ରୁ ଦ୍ୱାରା ଭରି ଯାଇଥିଲା ।

**ହଜୁର ଅନଓ୍ୱରଙ୍କ ସହିତ ସାକ୍ଷାତ କରିବାପରେ ଲୋକମାନଙ୍କର ବିଶ୍ୱାସବର୍ଦ୍ଧକ ମନୋଭାବ ବ୍ୟକ୍ତ**

ରବ୍‌ଓ୍ୱାରୁ ଆସିଥିବା ଜଣେ ଯୁବକ ନିଜର ମନୋଭାବକୁ ବ୍ୟକ୍ତି କରି କହିଲେ ଯେ, ଆଜି ମୁଁ ବହୁତ ଖୁସୀ । ମୋ ଜୀବନରେ ଗୋଟିଏ ହିଁ ଅଭିଳାଷ ଥିଲା ଯେ, ମୋ ପ୍ରୀୟ ଆକାଙ୍କ ସହିତ କିପରି ସାକ୍ଷାତକାର ହୋଇଯାଉ ଓ ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ହାତକୁ ଚୁମ୍ବନ ଦେବି ଆଜି ଖୁଦାତାଲା ଉକ୍ତ ଇଛାକୁ ପୁରଣ କରିଦେଇଛନ୍ତି ସେଥିପାଇଁ ମୁଁ ଈଶ୍ୱରଙ୍କୁ ଯେତେ ଧନ୍ୟବାଦ ଜଣାଇଲେ ମଧ୍ୟ ତାହା କମ୍ ହେବ ।

ଚୋଣ୍ଡାରୁ ଆସିଥିବା ଜଣେ ଯୁବକ କହିବାକୁ ଲାଗିଲେ ଯେ, ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ହାତକୁ ସ୍ପର୍ଶ କଲି, ହାତ ମିଳାଇଲି । ଆଜି ମୋର ମନକାମନା ପୁରଣ ହୋଇଛି । ମୁଁ ଆଜି କେଡ଼େ ସୌଭାଗ୍ୟଶାଳୀ ବ୍ୟକ୍ତି ହେଲି ।

ସିଆଲ୍‌କୋଟ୍‌ରୁ ଆସିଥିବା ଜଣେ ଯୁବକ ନିଜର ମନୋଭାବକୁ ପରିପ୍ରକାଶ କରି କହିଲେ ଯେ, ଆଜି ପ୍ରୀୟ ଆକାଙ୍କ ସହିତ ମୋର ସାକ୍ଷାତକାର ହେଉଛି ମୋ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କ୍ଷଣ । ମୁଁ ଏହାକୁ ସାରା ଜୀବନ ଭୁଲିପାରିବି ନାହିଁ । ସୁତରାଂ ଯଦି କିଛି ଜୀବନ ଅଛି ତେବେ ଏହା ହିଁ ପ୍ରକୃତ ଜୀବନ ।

ଔକାଡ଼ାରୁ ଆସିଥିବା ଜଣେ ଯୁବକ କହିବାକୁ ଲାଗିଲେ ଯେ, ମୁଁ କେଡ଼େ ଭାଗ୍ୟବାନ ଅଟେ କି, ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସଲାମ୍ କହିଲି, ହଜୁର ଅନଓ୍ୱର ଅ:ବ:ଅ ମୋ ହାତକୁ

ଧରି ନେଲେ, ମୋତେ ଏକ ନୂଆ ଜୀବନ ମିଳିଗଲା । ମୋ ଭିତରେ ଏକ ଆଧ୍ୟାତ୍ମିକ ଶକ୍ତିର ସଂରଚନା ହେଲା । ମୁଁ ପୂର୍ବଠାରୁ ବଦଳି ସାରିଛି ଏହାକୁ ମୁଁ ବର୍ଣ୍ଣନା କରିପାରୁନାହିଁ ।

କାଣ୍ଡିୟାରୁ ସିନ୍ଧରୁ ଆସିଥିବା ଜଣେ ସାହେବ୍ ବର୍ଣ୍ଣନା କରୁଛନ୍ତି ଯେ, ମୋ ହୃଦୟ ବର୍ତ୍ତମାନ ଆବେଗରେ ଭରି ରହିଛି ମୁଁ କହିବା ପାଇଁ ଶକ୍ତି ପାଉନାହିଁ ତେଣୁ ମୁଁ କିଛି କହିପାରିବି ନାହିଁ । କେବଳ ଏତିକି କହିବି ଯେ, ମୋତେ ଏକ ନୂଆ ଜୀବନ ମିଳିଗଲା ।

ସିଆଲ୍‌କୋଟରୁ ଆସିଥିବା ଜଣେ ଯୁବକ ନିଜର ମନୋଭାବକୁ ବ୍ୟକ୍ତି କରି କହିଲେ ଯେ, ମୋ ହୃଦୟ ସନ୍ତୁଷ୍ଟିରେ ଭରିଯାଇଛି ମୋତେ ନୂଆ ଜୀବନ ମିଳିଛି । ମୁଁ ନିଜ ଭିତରେ ଏକ ଆଧ୍ୟାତ୍ମିକତାକୁ ଅନୁଭବ କରୁଅଛି । ଆଜିର ଏହି ସାକ୍ଷାତକାର ମୋ ଜୀବନର ଏକ ଚମତ୍କାର ପାକିସ୍ତାନରେ ରହୁଥିବାବେଳେ କେବେ ଏକଥା ଚିନ୍ତା କରିନଥିଲି ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏପରି ସାକ୍ଷାତକାର ହେବ । ଏହି ସାକ୍ଷାତକାର ମୋ ଜୀବନରେ ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ କ୍ଷଣ ଥିଲା ।

ରବ୍‌ଓ୍ୱାରୁ ଆସିଥିବା ଜଣେ ଯୁବକ କହିଲେ, ବର୍ତ୍ତମାନ ମୋ ଛାତି ମାତ୍ରାଧିକ ସ୍ପନ୍ଦନ ହେଉଛି, ହାତ କମ୍ପି ଉଠୁଛି, ଏକ କମ୍ପନ ଜାରି ରହିଛି । ମୋର ଅବସ୍ଥା ବର୍ତ୍ତମାନ ଏପରି ହୋଇଯାଇଛି ଯେ ମୁଁ କିଛି କହିପାରୁନାହିଁ, କେବଳ ଏତିକି କହିବି ଯେ, ମୁଁ ମୋର ମନସ୍କାମନାକୁ ପାଇସାରିଛି ଓ ମୁଁ ନିଜ ଉଦ୍ଦେଶ୍ୟରେ ସଫଳ ହୋଇଛି ।

ସିଆଲ୍‌କୋଟ୍‌ରୁ ଆସିଥିବା ଜଣେ ବନ୍ଧୁ କହିବାକୁ ଲାଗିଲେ ଯେ, ଅଲ୍ଲାଃ ତାଲା ମୋ ଉପରେ ବିଶେଷ କୃପା କରିଛନ୍ତି ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମୋର ସାକ୍ଷାତକାର ହୋଇଗଲା । ମୁଁ କେଡ଼େ ସୌଭାଗ୍ୟଶାଳୀ ବ୍ୟକ୍ତି ଯେ, ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଅତି ନିକଟରୁ ଦେଖିବାକୁ ପାଇଲି, ମୋର ଆତ୍ମା ସନ୍ତୋଷ ଲାଭ କଲା । ହଜୁର ଅନଓ୍ୱର ଅ:ବ:ଅ ମୋ ହାତକୁ ଧରି ରଖିଲେ ।

ରବ୍‌ଓ୍ୱାରୁ ଆସିଥିବା ଆଉ ଜଣେ ସାହେବ ବର୍ଣ୍ଣନା କରୁଛନ୍ତି ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଆଜି ମୋର ପ୍ରଥମ ସାକ୍ଷାତକାର ଥିଲା । ମୋ ହୃଦୟ ଆବେଗରେ ଭରି ରହିଛି । ଶବ୍ଦଗୁଡ଼ିକ ମୋତେ ସାହାଯ୍ୟ କରୁନାହାନ୍ତି । ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ଚେହେରାରେ ଏତେ ମାତ୍ରାରେ ଜ୍ୟୋତି ଦେଖିଛି ଯେ, ତାହାକୁ ମୁଁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ ।

ରହିମ୍ୟାର୍ ଖାନ୍ ରୁ ଆସିଥିବା ଜଣେ ଯୁବକ ନିଜର ମନୋଭାବକୁ ପରିପ୍ରକାଶ କରି କହୁଛନ୍ତି ଯେ, ମୋର ମାଆ, ବାପା ନାହାନ୍ତି । ଆଜି ମୋ ଜୀବନକୁ ବହୁତ ଶାନ୍ତି ମିଳିଲା ଆଜି ମୁଁ ଜାଣିବାକୁ ପାଇଲି ଯେ, ଆମ ଜୀବନର ଉଦ୍ଦେଶ୍ୟ କ'ଣ, ଏହି କିଛି କ୍ଷଣ ମୋ ଜୀବନକୁ ବଦଳାଇ ଦେଇଛି ।

ରବ୍‌ଓ୍ୱାରୁ ଆସିଥିବା ଜଣେ ବନ୍ଧୁ ବର୍ଣ୍ଣନା କରୁଛନ୍ତି ଯେ, ଆଜି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମୋର ସାକ୍ଷାତକାର ଥିଲା । ରବ୍‌ଓ୍ୱାରେ ତ ଆମେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଟିଭି ମାଧ୍ୟମରେ ଦେଖୁଥିଲୁ । ମନ ଭିତରେ ଭୀଷଣ ଇଛା ଥିଲା ଯେ, କେବେ ମଧ୍ୟ ଆମକୁ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର ହୋଇଯାଉ । ଆଜି ଅଲ୍ଲାଃ ତାଲା ନିଜର କୃପା ଦ୍ୱାରା ଉକ୍ତ ଇଛା କୁ ପୂରଣ କରିଦେଇଛନ୍ତି । ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କୁ ନିଜ ସମ୍ମୁଖରେ ଦେଖିବାକୁ ପାଇଲି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହାତ ମିଳାଇଲି ଓ କଥା ହେଲି ।

ରାଉଲ୍‌ପିଣ୍ଡିରୁ ଆସିଥିବା ଜଣେ ଯୁବକ କହୁଛନ୍ତି ଯେ, ସାକ୍ଷାତକାର ପରେ ମୋ ହୃଦୟରେ ଏକ ଆଧ୍ୟାତ୍ମିକ ପରିସ୍ଥିତି ସୃଷ୍ଟି ହୋଇଛି ଯାହାକୁ ମୁଁ ଶବ୍ଦରେ ବର୍ଣ୍ଣନା କରିପାରିବି ନାହିଁ । ଆମେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଏମ୍‌ଟିଏ ଜରିଆରେ ଦେଖୁଥିଲୁ । ଆଜି ମୋ ଜିବନର ଏହାଠାରୁ ବଳି ସୌଭାଗ୍ୟ କ'ଣ ହେବ ଯେ, ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଅତି ନିକଟରୁ ଦେଖିବାକୁ ପାଇଲି । ହଜୁର ଅନଓ୍ୱର ଅ:ବ:ଅଙ୍କ ହାତକୁ ଛୁଇଁଲି ଏବଂ ଚୁମ୍ବନ ଦେଲି ଓ କଥା ହେଲି । ଆଜି ମୋର ଜର୍ମାନୀ ଆସିବାର ଉଦ୍ଦେଶ୍ୟ ପୂରଣ ହୋଇଗଲା । ଖୁଦାତାଲା ହଜୁରଙ୍କୁ ଦୀର୍ଘାୟୁ ଜୀବନ ପ୍ରଦାନ କରନ୍ତୁ । ଖିଲାଫତ୍ ସହିତ ଆମର ସର୍ବଦା ଭକ୍ତିଭାବର ସମ୍ପର୍କ ପ୍ରତିଷ୍ଠା ରହୁ ଏବଂ ଆମ ସନ୍ତାନମାନେ ମଧ୍ୟ ସର୍ବଦା ଖିଲାଫତ୍ ସହିତ ଯୋଡ଼ି ହୋଇ ରୁହନ୍ତୁ । ଏବଂ ଭକ୍ତିଭାବର ସମ୍ପର୍କ କାୟମ ରହୁ ।

ରବ୍‌ଓ୍ୱା ସହିତ ସମ୍ପର୍କ ରଖିଥିବା ଜଣେ ଯୁବକ କହିବାକୁ ଲାଗିଲେ ଯେ, ମୋ ଛାତି ଏ ପର୍ଯ୍ୟନ୍ତ ଧଡ଼ଧଡ଼ ହେଉଛି ଓ ଶରୀର କମ୍ପୁଅଛି ତେଣୁ ଏତିକି କହିବାକୁ ଲାଗିବି ଯେ ମୋ ମନକୁ ବହୁତ ଶାନ୍ତି ମିଳିଲା । ମୋତେ ଏ ଜୀବନରେ ସବୁ କିଛି ମିଳିଯାଇଛି ।

ରବ୍‌ଓ୍ୱାରୁ ଆସିଥିବା ଜଣେ ବନ୍ଧୁ ନିଜର ମନୋଭାବକୁ ପରିପ୍ରକାଶ କରି କହୁଛନ୍ତି । ମୋର ବହୁତ ବଡ଼ ସୌଭାଗ୍ୟ ଯେ, ମୁଁ ଏହାକୁ ପ୍ରକାଶ କରିପାରିବି ନାହିଁ ମୁଁ ମଧ୍ୟ ଏମ୍‌ଟିଏ ଦ୍ୱାରା ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦେଖୁଥିଲି । ଏବଂ ସେହି ଅପରିତୃପ୍ତ ଆତ୍ମାମାନଙ୍କ ସହିତ ସାମିଲ ଥିଲି ଯେଉଁମାନେ ଆଜି ମଧ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବା ପାଇଁ ଅପେକ୍ଷାରେ ରହିଛନ୍ତି । ଆଜି ଖୁଦାତାଲା ମତେ ଏହି ସୌଭାଗ୍ୟ ପ୍ରଦାନ କରିଛନ୍ତି ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କୁ ନିଜ ନିକଟରୁ ଦେଖିବାକୁ ପାଇଲି, ହଜୁର ଅନଓ୍ୱର ଅ:ବ:ଅଙ୍କ ହାତକୁ ଛୁଇଁଲି ଏବଂ ବର୍‌କତ୍ ହାସଲ କଲି, ତେଣୁ ଏତିକି କହିବାକୁ ଚାହିଁବି ଯେ, ମୁଁ ନୂର୍ (ଜ୍ୟୋତି) ହିଁ ନୂରକୁ ଦେଖିବାକୁ ପାଇଲି ।

ଖାରିୟାଁରୁ ଆସିଥିବା ଜଣେ ବ୍ୟକ୍ତି କହିଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ଚେହେରାରେ ଏପରି ଏକ ଜ୍ୟୋତି ଝଟକୁ ଥିଲା ଯେ, ମୁଁ ତାହା ଦେଖି କିଛି କହିପାରିଲି ନାହିଁ । ମୁଁ ଚିନ୍ତା କରିକି ଆସିଥିଲି ଯେ, ଏହି ସବୁ କଥା କହିବି କିନ୍ତୁ କିଛି ମଧ୍ୟ କହିପାରିଲ ନାହିଁ ଓ ମୋର ସମ୍ପୂର୍ଣ୍ଣ ଶରୀରଟି କମ୍ପିବାକୁ ଲାଗିଲା ସେଥିପାଇଁ ମୁଁ କଥା କହିପାରିନଥିଲି ।

ଗୁଜୁରାଟ୍‌ରୁ ଆସିଥିବା ଜଣେ ଯୁବକ କହିବାକୁ ଲାଗିଲେ ଯେ, ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ କଥା ହେବା ପାଇଁ ଚେଷ୍ଟା କଲି କିନ୍ତୁ ମୋ ଦ୍ୱାରା କହି ହେଲାନାହିଁ ମୋ ଛାତି ଥରୁଥିଲା ହଜୁର ଅନଓ୍ୱର ଅ:ବ:ଅ ସ୍ୱୟଂ ମୋ ସହିତ କଥା ହେଲେ ଓ ମୋ କେସ୍ ସମ୍ବନ୍ଧରେ ପଚାରି ବୁଝିଲେ । ବର୍ତ୍ତମାନ ମଧ୍ୟ ମୋ ଶରୀରରେ କମ୍ପନ ଜାରି ରହିଛି ।

ରବ୍‌ଓ୍ୱାରୁ ଆସିଥିବା ଆଉ ଜଣେ ଯୁବକ କହିବାକୁ ଲାଗିଲେ ଯେ, ବର୍ତ୍ତମାନ ମୋ ହୃଦୟ ଖୁବ୍ ଜୋର୍‌ରେ ସ୍ପନ୍ଦନ କରୁଅଛି ଓ ମୋ ଶରୀର କମ୍ପିବାରେ ଲାଗିଛି । ହଜୁର ଅନଓ୍ୱର ଅ:ବ:ଅଙ୍କ ଚେହେରାରେ ଏତେ ମାତ୍ରାରେ ଜ୍ୟୋତି ଭରି ରହିଥିଲା ଯେ ମୁଁ ତାଙ୍କୁ ଦେଖିପାରୁନଥିଲି । ମୁଁ କିଛି କହିପାରୁନଥିଲି । ସେହି ଲୋକଟିର ଆଖି ଅଶ୍ରୁରେ ଭରି ରହିଥିଲା ।

ଖାରିୟାଁ (ଗୁଜୁରାଟ)ରୁ ଆସିଥିବା ଜଣେ ଯୁବକ କହିବାକୁ ଲାଗିଲେ ଯେ, ଆଜି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବା ପରେ ମୁଁ ନିଜକୁ ପୃଥିବୀର ଜଣେ ସୌଭାଗ୍ୟଶାଳୀ ବ୍ୟକ୍ତି ଭାବେ ବିବେଚନା କରୁଅଛି । ହଜୁର ଅନଓ୍ୱର ଅ:ବ:ଅଙ୍କୁ ଅଲ୍ଲାଃ ତାଲା ଦୀର୍ଘାୟୁ କରନ୍ତୁ ଏବଂ ଖିଲାଫତ୍‌ର ଛତ୍ରଛାୟା ସର୍ବଦା ଆମ ଉପରେ ଢ଼ାଙ୍କି ରଖନ୍ତୁ ।

ସାଙ୍ଗଲା ହିଲ୍‌ରୁ ଆସିଥିବା ଜଣେ ଯୁବକ ନିଜର ମନୋଭାବକୁ ବ୍ୟକ୍ତି କରି କହିଲେ ଯେ, ଆଜି ମୋର ଖୁସିର ଅବସ୍ଥାକୁ ଶବ୍ଦରେ ବର୍ଣ୍ଣନା କରିବାକୁ ଶକ୍ତି ପାଉନାହିଁ । ଯେପରି ଜଣେ ବ୍ୟକ୍ତିକୁ ତା'ର ଅତ୍ୟନ୍ତ ମୂଲ୍ୟବାନ୍ ହଜିଯାଇଥିବା ବସ୍ତୁ ମିଳିଯାଇଥାଏ । ସେତେବେଳେ ତା'ର ଯେଉଁ ଭଳି ଅବସ୍ଥା ହୋଇଥାଏ ତା'ଠାରୁ ବହୁତ ଅଧିକା ଆଜି ମୋର ଅବସ୍ଥା । ଆମେ ନିଜ ପ୍ରୀୟ ଆକାଙ୍କ ଦର୍ଶନକୁ ତରସୁ ଥିଲୁ । ଆଜି ତାଙ୍କର ଦର୍ଶନ ହୋଇଗଲା । ଏପରି ଲାଗୁଛି ଯେ, ଆଜି ମୋତେ ଏକ ବହୁତ ବଡ଼ ପୁରସ୍କାର ମିଳିଯାଇଛି । ଏହି ସାକ୍ଷାତକାରକୁ ମୁଁ ସାରା ଜୀବନ ମନେ ରଖିବି ।

ଶେଖୋପୁରାରୁ ଆସିଥିବା ଜଣେ ବନ୍ଧୁ ବର୍ଣ୍ଣନା କରୁଛନ୍ତି ଯେ, ଖୁଦାତାଲାଙ୍କର ଲକ୍ଷ ଲକ୍ଷ ଧନ୍ୟବାଦ ଯେ, ଆଜି ସାକ୍ଷାତକାର କରିବାର ଅବସର ପ୍ରଦାନ କଲେ । ମୁଁ ବହୁତ ସୌଭାଗ୍ୟବାନ ମୋତେ ଏହି ସାକ୍ଷାତକାର ସାରା ଜୀବନ ମନେ ରହିବ । ଏବଂ ସର୍ବଦା ମୋ ଜୀବନର ଏକ ଅଂଶ ହୋଇ ରହିବ ।

ରବ୍‌ଓ୍ୱାରୁ ଆସିଥିବା ଜଣେ ଯୁବକ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ ଯେ, ମୋତେ ଏହି ହଲ୍ ଭିତରୁ ବାହାରକୁ ଯିବା ପାଇଁ ଆଦୌ ଇଛା ନାହିଁ । ମୁଁ ଚାହୁଁଛି ଯେ ଗୋଟିଏ କୋଣରେ ଛିଡ଼ା ହୋଇ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦେଖି ଚାଲିବି । ମୋର ହୃଦୟ ଅସ୍ଥିର, ହାତ କମ୍ପୁଅଛି । ଏବଂ ଆଖିରୁ ଅଶ୍ରୁ ବହୁଥିଲା ।

ରବ୍‌ଓ୍ୱାରୁ ଆସିଥିବା ଜଣେ ଯୁବକ ବର୍ଣ୍ଣନା କରୁଛନ୍ତି ଯେ, ବର୍ତ୍ତମାନ ମୋ ହୃଦୟ ଭିତରୁ ଭିତରୁ କ୍ରନ୍ଦନ କରୁଅଛି । ମୋ ବାପା, ମାଆଙ୍କର ମୃତ୍ୟୁ ହୋଇସାରିଛି । ଆଜି ମୁଁ ସେହି ଦୁଇଜଣଙ୍କ ପାଇଁ ଦୁଆ କରିବା ନିମନ୍ତେ ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟରେ ଦରଖାସ୍ତ କରିଅଛି । ମତେ ଆଜି ବହୁତ ଶାନ୍ତି ମିଳିଅଛି । ଆଜିର ଦିନଟି ମୋ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦିନ ।

ଗୁଜୁରାଁଓ୍ୱାଲାରୁ ଆସିଥିବା ଜଣେ ଯୁବକ ବର୍ଣ୍ଣନା କରୁଛନ୍ତି ଯେ, ଆଜି ମୋ ଜୀବନର ସବୁତକ ଅଭିଳାଷ ପୂରଣ ହୋଇସାରିଛି, ଏବେ ମୋ ଜୀବନରେ କୌଣସି ଇଛା ନାହିଁ । ଜୀବନରେ ଏହିଭଳି ଅବସର ଜଣା ନାହିଁ କେବେ ପୂର୍ଣ୍ଣବାର ମିଳିବ । ମୁଁ ବହୁତ ବଡ଼ ସୌଭାଗ୍ୟବାନ ବ୍ୟକ୍ତି । ଖୁଦାଙ୍କ ଖଲିଫାଙ୍କ ହାତକୁ ସ୍ପର୍ଶ କରିଛି ।

ରବ୍‌ଓ୍ୱାରୁ ଆସିଥିବା ଜଣେ ଯୁବକ ଏ କଥା କହିଲେ ଯେ, ମୁଁ ଏ ପ୍ରାର୍ଥନା କରୁଥିଲି କି, କେବେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମୋର ସାକ୍ଷାତକାର ହେବ । ମତେ ମଧ୍ୟ ପ୍ରୀୟ ଆକାଙ୍କ ଦର୍ଶନ କରିବାର ମୁହୂର୍ତ୍ତ ମିଳିବ । ଆଜି ମୁଁ ବହୁତ ଭାଗ୍ୟବାନ ବ୍ୟକ୍ତି ଯେ, ମୋର ଦୁଆ କବୁଲ୍ ହୋଇଯାଇଛି ଏବଂ ଆଜି ମତେ ହଜୁର ଅନଓ୍ୱର ଅ:ବ:ଅଙ୍କ ଦର୍ଶନ କରିବାର ମୁହୂର୍ତ୍ତ ମିଳିଯାଇଛି । ମୁଁ ନିଜର ହାତକୁ ହଜୁର ଅନଓ୍ୱର ଅ:ବ:ଅଙ୍କ ହାତରେ ଦେଇଦେଲି ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଦୁଆ କରିବା ପାଇଁ ମଧ୍ୟ ନିବେଦନ କଲି ।

ଅଧିକାଂଶ ଯୁବକ ଏହି କଥାକୁ ପ୍ରକାଶ କଲେ ଯେ, ଆମକୁ ଆଜି ଏତେ ମାତ୍ରାରେ ଆତ୍ମସନ୍ତୋଷ, ସାନ୍ତ୍ୱନା ଏବଂ ଖୁସି ମିଳିଛି ଯେ ଆମ ନିକଟରେ ବର୍ଣ୍ଣନା କରିବା ପାଇଁ କୌଣସି ଶବ୍ଦ ନାହିଁ । ଆମେ ଆଜି ଯାହା କିଛି ସବୁ ଦେଖି ସାରିଛୁ ଓ ପାଇ ସାରିଛୁ ସେ ସମ୍ବନ୍ଧରେ ପୂର୍ବରୁ କେବେ ଭାବି ମଧ୍ୟ ନଥିଲୁ । ଆଜି ସାକ୍ଷାତ କରିଥିବା ସମସ୍ତ ଲୋକେ ଓ ଯୁବକମାନେ ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପାଇଛନ୍ତି । ସାକ୍ଷାତକାରର ଏହି ପ୍ରୋଗ୍ରାମ ୬:୩୨ ମିନିଟ୍ ପର୍ଯ୍ୟନ୍ତ ଜାରି ରହିଲା ।

**ଫ୍ୟାମିଲି ସାକ୍ଷାତକାର**

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍ତରକୁ ଚାଲିଗଲେ ଯେଉଁଠାରେ ପ୍ରୋଗ୍ରାମ ଅନୁସାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସନ୍ଧ୍ୟା ବେଳର ଏହି ସେସନ୍‌ରେ ୨୯ଟି ଫ୍ୟାମିଲିରୁ ୧୧୮ ଜଣ ସଦସ୍ୟ ଓ ଏତଦ୍ ବ୍ୟତିତ ୪୦ ଜଣ ବ୍ୟକ୍ତିଗତ ରୂପେ ସାକ୍ଷାତକାର କରିବାର ସୌଭାଗ୍ୟ ହାସଲ କଲେ । ସାକ୍ଷାତକାର କରିଥିବା ଫ୍ୟାମିଲି ଗୁଡ଼ିକ ଜର୍ମାନୀର ବିଭିନ୍ନ ୭୦ଟି ଯମାତ୍‌ରୁ ଆସିଥିଲେ ।

ଏମାନଙ୍କ ମଧ୍ୟରୁ କିଛି ଲୋକ ବହୁତ ଲମ୍ବା ସମୟ ଯାତ୍ରା କରି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାକୁ ପହଂଚିଥିଲେ । କାସିଲ୍, କୋଲନ୍, ଡ୍ରୋଟମଣ୍ଡରୁ ଆସିଥିବା ଲୋକମାନେ ଉଣା ଅଧିକେ ୨୦୦ କିମି, Dusseldorf & Bonn ରୁ ଆସିଥିବା ଲୋକମାନେ ଉଣା ଅଧିକେ ୨୩୦ କିମି. Reutlingen ରୁ ଆସିଥିବା ଲୋକମାନେ ୨୫୦ କିମି. ଏବଂ

ବୋଖାଲଟ୍ ଇଲାକାରୁ ଆସିଥିବା ଫ୍ୟାମିଲି ଗୁଡ଼ିକ ୩୦୦ କିମି.ର ରାସ୍ତାକୁ ଯାତ୍ରା କରି ନିଜର ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାପାଇଁ ଏଠାରେ ଆସି ପହଂଚିଥିଲେ ।

ଏତଦ୍‌ବ୍ୟତିତ ଆଜି ସାକ୍ଷାତ କରିଥିବା ଲୋକମାନଙ୍କ ମଧ୍ୟରେ ପାକିସ୍ତାନ, ଘାନା, ବୁର୍‌କିନାଫାସୋ, ସୁଇଜରଲ୍ୟାଣ୍ଡ, ତାନ୍‌ଜାନିଆ, ସାଉଦିଆରବ, ବେନିନ୍, ସିନିଗାଲ୍, ଲାଇବେରିଆ, ଅଷ୍ଟ୍ରେଲିଆ, କଙ୍ଗୋ, ମାଲି, ନାଇଜର୍, ସିରିୟାଲିଓନ୍, ଗାମ୍ବିୟା, ୟୁନାନ୍ ଏବଂ ଫିନ୍ ଲ୍ୟାଣ୍ଡରୁ ଆସିଥିବା ଲୋକମାନେ ଓ ଫ୍ୟାମିଲି ଗୁଡ଼ିକ ମଧ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ।

ସାକ୍ଷାତ କରିଥିବା ଏହି ସମସ୍ତ ଲୋକମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଶିକ୍ଷାର୍ଥୀମାନଙ୍କୁ କଲମ ଉପହାର ରୂପେ ଦେଲେ ଓ ଛୋଟଛୋଟ ପିଲାମାନଙ୍କୁ ଚକଲେଟ୍ ପ୍ରଦାନ କଲେ । ସାକ୍ଷାତକାରର ଏହି ପ୍ରୋଗ୍ରାମ ସଂଧ୍ୟା ୮:୩୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ତକ୍‌ରିବେ ଆମିନ୍**

ଏହାପରେ ପ୍ରୋଗ୍ରାମ ମୁତାବକ ୯:୨୫ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ରେ ଥିବା ପୁରୁଷମାନଙ୍କ ହଲ୍ ଭିତରକୁ ପ୍ରବେଶ କଲେ ଓ ସେଠାରେ ତକ୍‌ରିବେ ଆମିନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା । ନିମ୍ନଲିଖିତ ୩୮ ଜଣ ସୌଭାଗ୍ୟବାନ୍ ପୁଅଝିଅଙ୍କଠାରୁ ହଜୁର ଅନଓ୍ୱର ଅ:ବ:ଅ ପବିତ୍ର କୋରାନ୍‌ରୁ ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜମ୍ ଫୌଜାନ୍ ଅଖତର୍ , ଅଜିଜମ୍ ତଲାଲ୍ ଅହେମଦ୍, ଅଜିଜମ୍ ହସିଦ୍ ମଲକ୍, ଅଜିଜମ୍ ସାୟାନ୍ ଅହେମଦ୍ କାହାଲୁଁ, ଅଜିଜମ୍ ଜାଜିବ୍ ଅହେମଦ୍, ଅଜିଜମ୍ ନାୟାବ୍ ଅହେମଦ୍ ତାହେର୍, ଅଜିଜମ୍ ଶୁଏବ୍ ଅହେମଦ୍ ଖାନ୍, ଅଜିଜମ୍ ନୁରୁଦ୍ଦିନ୍ ଚୁଗ୍‌ତାଇ, ଅଜିଜମ୍ ଆୟାନ୍ ଅହେମଦ୍, ଅଜିଜମ୍ ହସିବ୍ ଅହେମଦ୍, ଅଜିଜମ୍ ରାଣା ମସରୁର୍ ଅହେମଦ୍ ମେହମୁଦ୍, ଅଜିଜମ୍ ଫାରିସ୍ ଅହେମଦ୍, ଅଜିଜମ୍ ଫାରାନ୍ ଅହେମଦ୍ ମୁସ୍ତଫା, ଅଜିଜମ୍ ତାହେରିମ୍ ଅତ, ଅଜିଜମ୍ ଫହିମ୍ ଅହେମଦ୍, ଅଜିଜମ୍ ତହିଦ୍ ଅହେମଦ୍, ଅଜିଜମ୍ କ୍ରିଶନ୍ ଅହେମଦ୍, ଅଜିଜମ୍ ଦରମାନ୍ ଅହେମଦ୍ ମୁବାରକ୍, ଅଜିଜମ୍ ଲୁକ୍‌ମାନ୍ ମେହମୁଦ୍, ଅଜିଜମ୍ ସାୟାନ୍ ହଫିଜ୍, ଅଜିଜମ୍ ନୌଓ୍ୱିଦ୍ ଅହେମଦ୍ ନିସାର୍, ଏବଂ ଅଜିଜମ୍ ମୁସଓ୍ୱିର୍ ଅହେମଦ୍ ।

ଅଜିଜା ଅଲିଶା ମଲକ୍, ଅଜିଜା ଖୁବାଁ କମର୍, ଅଜିଜା ଅଲିନା ରୁପ୍ ରଫି, ଅଜିଜା ଅନଓ୍ୱଶ୍ ଅତିକ୍ କାଇନା ଇମ୍‌ତିଆଜ୍, ଅଜିଜା ମାରିଆତରିକ୍, ଅଜିଜା ଅର୍ଜଲିଲାହ୍ ମୁବାରକ୍, ଅଜିଜା ଲବିନା ସୁସନ୍ ଅହେମଦ୍, ଅଜିଜା ହାନିଆ ଅଫ୍‌ଜା ଶହ୍‌ରୁଜ୍, ଅଜିଜା ହିବାତୁସ୍ ଶାଫି ମୁବାରକ, ଅଜିଜା ଆଫିୟା ଆସିନ୍, ଅଜିଜା ସବିୟା ଅଞ୍ଜୁମ୍‌ପାଲ୍, ଅଜିଜା ହୁରିୟା କାଏନାତ୍ କାଶିଫ୍, ଅଜିଜା ଅରୁସା ଅହେମଦ୍, ଅଜିଜା ଫରିଦା ତନ୍‌ଓ୍ୱିର୍, ଏବଂ ଅଜିଜା ଆବିଦା ବିଲାଲ୍ ।

ତକ୍‌ରିବେ ଆମିନ୍ ପରେ ହଜୁର ଅନଓ୍ୱର ଅ:ବ:ଅ ମଗ୍‌ରିବ୍ ଏବଂ ଇଶା ନମାଜ ଯମା କରି ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୦୪ ଜୁଲାଇ ୨୦୧୯ ଗୁରୁବାର**

ହଜୁର ଅନଓ୍ୱର ଅ:ବ:ଅ ଭୋର୍ ୪:୧୫ ମିନିଟ୍‌ରେ ଆସି ଫଜର୍ ନାମଜ୍ ପଢ଼ାଇଲେ ନାମଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଡ଼ାକ୍, ଚିଠିପତ୍ର ଏବଂ ରିପୋର୍ଟସ ଇତ୍ୟାଦି ଦେଖିଲେ ଓ ସେଥିରେ ହିଦାୟତ ପ୍ରଦାନ କଲେ । ଏହିପରି ହଜୁର ଅନଓ୍ୱର ଅ:ବ:ଅ ବିଭିନ୍ନ ଦଫତରି କାର୍ଯ୍ୟକୁ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ଠିକ୍ ୨ଟା ସମୟରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ରେ ପହଂଚି ଜୋହର୍ ଏବଂ ଅସର୍ ନାମଜ୍ ଯମା କରି ପଢ଼ାଇଲେ । ନାମଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଜଲ୍‌ସାଗା କାର୍ଲସ୍‌ରୋଏ ନିମନ୍ତେ ଯାତ୍ରା**

ଆଜି ପ୍ରୋଗ୍ରାମ ମୁତାବକ ଜଲ୍‌ସାଗା କାର୍ଲସ୍‌ରୋଏ ନିମନ୍ତେ ଯାତ୍ରା କରିବାର ଥିଲା । ଠିକ୍ ୫:୪୫ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଆବାସସ୍ଥଳୀରୁ ବାହାରକୁ ବାହାରିଲେ, ଦୁଆ କରାଇଲେ ଏବଂ ଏଠାରୁ କାର୍ଲସ୍‌ରୋଏ ନିମନ୍ତେ ଯାତ୍ରା ଆରମ୍ଭ ହେଲା ।

ବଇତୁସ୍ ସବୁହୁ ଫ୍ରାଙ୍କଫର୍ଟଠାରୁ କାର୍ଲସ୍‌ରୋଏର ଦୁରତା ହେଉଛି ୧୬୦ କିମି. ଏହା ହେଉଛି ସେହି ସ୍ଥାନ ଯେଉଁଠି ଜଲ୍‌ସା ଅନୁଷ୍ଠିତ ହେଉଅଛି । ତାକୁ କେ ମେସେ କୁହାଯାଏ ଏହାର ମୋଟ କ୍ଷେତ୍ରଫଳ ହେଉଛି ୧ଲକ୍ଷ ୫୦ ହଜାର ବର୍ଗମିଟର୍ ଏବଂ ଏହାର Covered ଏରିଆ ହେଉଛି ୭୦ ହଜାର ବର୍ଗମିଟର । ସେଥିରେ ଚାରିଗୋଟି ବଡ଼ ବଡ଼ ହଲ୍ ରହିଛି ଓ ଏହି ଚାରିଗୋଟି ହଲ୍ ଏୟାର କଣ୍ଡିସନର୍ । ପ୍ରତ୍ୟେକ ହଲ୍‌ର କ୍ଷେତ୍ରଫଳ ହେଉଛି ୧୨୫୦ ବର୍ଗମିଟର ଓ ପ୍ରତ୍ୟେକ ହଲ୍‌ରେ ଯେଉଁ ଚୌକିର ବ୍ୟବସ୍ଥା ରହିଛି ସେଥିରେ ୧୨୦୦୦ ଲୋକ ଏକା ସଙ୍ଗେ ବସିପାରିବେ ଏବଂ ପ୍ରତ୍ୟେକ ହଲ୍ ଭିତରେ ୧୮୦୦୦ରୁ ଅଧିକ ସଂଖ୍ୟକ ଲୋକ ନମାଜ ପାଠ କରିପାରିବେ । ଏହି ଚାରିଗୋଟି ହଲ୍ ସହିତ ସଲଗ୍ନ ମୋଟ ୧୨୮ଟି ଶୌଚାଳୟର ବ୍ୟବସ୍ଥା କରାଯାଇଛି ଏବଂ ଅନେକ ଛୋଟଛୋଟ ହଲ୍ ଏବଂ କୋଠରୀ ମଧ୍ୟ ରହିଛି । ଏଠାରେ ୧୦୦୦୦ ଗାଡ଼ି ପାର୍କିଙ୍ଗ କରିବାର ସ୍ଥାନ ମହଜୁଦ୍ ରହିଛି ।

ପାଖାପାଖି ୧ଘଂଟା ୫୫ ମିନିଟ୍ ଯାତ୍ରା କରିବା ପରେ ଠିକ୍ ୭:୪୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଜଲ୍‌ସାଗା ଠାରେ ପହଂଚିଲେ । ଯେଉଁକ୍ଷଣି ହଜୁର ଅନଓ୍ୱର ଅ:ବ:ଅ ଗାଡ଼ିରୁ ବାହାରକୁ ବାହାରିଲେ ସେହି କ୍ଷଣି ଅଫିସର୍ ଜଲ୍‌ସା ସାଲାନା ମୁହମ୍ମଦ୍ ଇଲିଆସ୍ ମଜୁଗେ ସାହେବ୍ ଏବଂ ଅଫିସର୍ ଜଲ୍‌ସାଗା ହାଫିଜ୍ ମୁଜ୍‌ଫର ଇମ୍‌ରାନ୍ ସାହେବ୍ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ । ଏହା ପରେ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଜଲ୍‌ସା ସାଲାନା ବ୍ୟବସ୍ଥାର ନିରୀକ୍ଷଣ**

ପାଖାପାଖି ଠିକ୍ ଆଠଟା ସମୟରେ ଜଲ୍‌ସା ସାଲାନାର ବ୍ୟବସ୍ଥା ଗୁଡ଼ିକର ନିରୀକ୍ଷଣ ଆରମ୍ଭ ହେଲା ୧୪ ଜଣ ବିଶିଷ୍ଟ ନାଏବ୍ ଅଫିସର୍ ମାନେ ନାଏବ୍ ଅଫିସର୍ ଜଲ୍‌ସା ସାଲାନା ଗୋଟିଏ ଧାଡ଼ିରେ ଛିଡ଼ା ହୋଇଥିଲେ । ହଜୁର ଅନଓ୍ୱର ଅ:ବ:ଅ ସେମାନଙ୍କର ନିକଟରେ ଯିବା ବେଳେ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲେ ଓ ତା'ପରେ ଏକଥା କହିଲେ ''ତେବେ ଏମାନେ ହେଉଛନ୍ତି ନାଏବ୍ ଅଫିସରମାନେ'' ।

ହେମ୍ବର୍ଗ ଯମାତ୍‌ରୁ ୭ଜଣ ଖୁଦାମ୍ ଏବଂ ୪ ଜଣ ଅତ୍‌ଫାଲ୍ ୬୮୦ କିମି. ର ରାସ୍ତାକୁ ୫ଦିନ ଲଗାଇ ସାଇକେଲ ଯୋଗେ ଅତିକ୍ରମ କରି ଜଲ୍‌ସାଗା ରେ ପହଂଚିଥିଲେ । ଏମାନେ ସମସ୍ତେ ଗୋଟିଏ ପଟେ ଛିଡ଼ା ହୋଇଥିଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ସେମାନଙ୍କ ନିକଟକୁ ଗଲେ ଏବଂ ସେମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଏକଥା କହିଲେ ଯେ, ଆମେ ୬୮୦ କିମି.ର ରାସ୍ତାକୁ ସାଇକେଲ୍ ଯୋଗେ ଅତିକ୍ରମ କରି ଆଜି ଏଠାରେ ପହଂଚିଛୁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ''ମାଶାଅଲ୍ଲାଃ ୬୮୦ କିମି ର ଯାତ୍ରା ଅତିକ୍ରମ କରିଛ'' ଏହାପରେ ସର୍ବପ୍ରଥମେ ହଜୁର ଅନଓ୍ୱର ଅ:ବ:ଅ ରେଜିଷ୍ଟ୍ରେସନ୍ ବିଭାଗ ଏବଂ କାର୍ଡ଼ସ ସ୍କାନିଙ୍ଗ ସିଷ୍ଟମକୁ ନିରୀକ୍ଷଣ କଲେ ।

ପୁରୁଷମାନଙ୍କ ନିମନ୍ତେ ନିର୍ମାଣ ହୋଇଥିବା ଜଲ୍‌ସାଗା ସହିତ ଗୋଟିଏ ଖୋଲା ସ୍ଥାନରେ ଏକ ବହୁତ ବଡ଼ ସାମିୟାନା ଲଗାଯାଇଛି । ଯେଉଁ ଲୋକମାନଙ୍କୁ ହଲ୍ ଭିତରେ ସ୍ଥାନ ନ ମିଳିପାରିବ ସେମାନେ ଏହି ସାମିୟାନା ତଳେ ବସିବେ ଓ ଏଠାରେ ନିୟମିତ ରୂପେ ଧାଡ଼ିରେ ଛିଡ଼ା ହୋଇ ନମାଜ୍ ପଢ଼ିବାପାଇଁ ବ୍ୟବସ୍ଥା କରାଯାଇଛି ।ହଜୁର ଅନଓ୍ୱର ଅ:ବ:ଅ ଏହି ସାମିୟାନା ସମ୍ବନ୍ଧରେ ପଚାରି ବୁଝିଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ସେହି ଷ୍ଟୋରର ନିରୀକ୍ଷଣ କଲେ ଯେଉଁଠି ଖାଇବା ପିଇବା ଓ ବ୍ୟବହାର ପୂର୍ଣ୍ଣ ବିଭିନ୍ନ ଜିନିଷପତ୍ରକୁ ସାଇତି ରଖାଯାଇଛି । ଏଠାରୁ ଆବଶ୍ୟକ ମୁତାବକ ଅନ୍ୟସମସ୍ତ ବିଭାଗ ଗୁଡ଼ିକୁ ବିଭିନ୍ନ ଜିନିଷ ଯୋଗାଇ ଦିଆଯାଇଥାଏ ।

ଏହି ଷ୍ଟୋରର ସମ୍ମୁଖରେ ଗୋଟିଏ ଅନ୍ୟ ଅଂଶରେ ଭିନ୍ନ ଭିନ୍ନ ଦେଶରୁ ଆସିଥିବା ବିଦେଶ ଅତିଥିମାନଙ୍କ ପାଇଁ ଖାଦ୍ୟ ଖାଇବାର ବ୍ୟବସ୍ଥା କରାଯାଇଛି । ହଜୁର ଅନଓ୍ୱର ଅ:ବ:ଅ ସେହି ଅଂଶକୁ ମଧ୍ୟ ଦେଖିଲେ ଓ ବ୍ୟବସ୍ଥା ସମ୍ବନ୍ଧରେ ପଚାରି ବୁଝିଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଲଙ୍ଗରଖାନାର ନିରୀକ୍ଷଣ କଲେ ସର୍ବପ୍ରଥମେ ହଜୁର ଅନଓ୍ୱର ଅ:ବ:ଅ ମାଂସ କଟାଯିବାର ସ୍ଥାନକୁ ନିରୀକ୍ଷଣ କଲେ ଓ ସେଠିକାର ବ୍ୟବସ୍ଥାପିକାଙ୍କ ସହିତ ସେ ସମ୍ବନ୍ଧରେ କଥା ହେଲେ ଏହି ମାଂସ ଗୁଡ଼ିକୁ ଗୋଟିଏ ନିର୍ଦ୍ଧାରିତ ତାପମାତ୍ରାରେ ସୁରକ୍ଷିତ ରଖିବା ପାଇଁ ଗୋଟିଏ କଂଟେନର୍ ଭଳି ରେଫ୍ରିଜିରେଟର ରଖାଯାଇଛି ଯେଉଁଥିରେ ଟନ୍ ଟନ୍ ମାଂସ ରଖାଯାଇପାରେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଲଙ୍ଗରଖାନାର ଖାଦ୍ୟପ୍ରସ୍ତୁତି ବ୍ୟବସ୍ଥାର ନିରୀକ୍ଷଣ କଲେ ଓ ଖାଦ୍ୟର ମାନ ପରଖୀ ଦେଖିଲେ ।

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Pankal (Odisha)*

*ପୃଷ୍ଠା- ୦୨ର ଅବଶିଷ୍ଟାଂଶ ......*

ଯେଉଁଠି ପ୍ରୋଗ୍ରାମ ମୁତାବକ ଜଲ୍‌ସା ସାଲାନାର ଡ୍ୟୁଟି ନିମନ୍ତେ ଉଦ୍‌ଘାଟନୀ ଉତ୍ସବ ରଖାଯାଇଥିଲା । ସମସ୍ତ ନାଜମିନ୍ ନିଜ ନିଜର ସହଯୋଗୀ ଏବଂ କର୍ମୀମାନଙ୍କ ସହିତ କ୍ରମାନୁସାରେ ବସିଥିଲେ ।

ଅଫିସର୍ ଜଲ୍‌ସା ସାଲାନା, ଅଫିସର୍ ଜଲ୍‌ସାଗାଃ ଏବଂ ଅଫିସର ଖିଦ୍‌ମତେ ଖଲ୍‌କଙ୍କ ବ୍ୟତିତ ନାଏବ ଅଫିସରମାନଙ୍କ ସଂଖ୍ୟା ୧୪, ନାଜିମ୍ ମାନଙ୍କ ସଂଖ୍ୟା ୭୦, ନାଏବ୍ ନାଜିମ୍ ମାନଙ୍କ ସଂଖ୍ୟା ୨୫୧ ଯେବେକି ମୁନତ୍‌ଜମିନ୍‌ଙ୍କ ସଂଖ୍ୟା ୫୦୬ ଏବଂ ସହଯୋଗୀ କର୍ମୀମାନଙ୍କ ସଂଖ୍ୟା ହେଉଛି ୭୦୭୩ ଏବଂ ସ୍ୱତନ୍ତ୍ର ସହଯୋଗୀଙ୍କ ସଂଖ୍ୟା ୭ ଏହିପର ମୋଟ ୭୯୨୪ଜଣ ପୁରୁଷ, ଖୁଦାମ୍‌ମାନେ ଡ୍ୟୁଟିର କର୍ତବ୍ୟ ସମ୍ପାଦନ କରୁଛନ୍ତି ।

ଉତ୍ସବର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ଦ୍ୱାରା କରାଗଲା ଯାହାକୁ ଅଜିଜମ୍ ଅଓ୍ୱେସ୍ ଅହେମଦ୍ ମଲକ୍ ଆବୃତି କଲେ ଓ ତା'ପରେ ତାହାର ଜର୍ମାନ ଏବଂ ଉର୍ଦ୍ଦୁ ଭାଷାରେ ଅନୁବାଦ ଉପସ୍ଥାପନ କଲେ । ତା'ପରେ ଠିକ୍ ୯:୧୩ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ଡ୍ୟୁଟି ଦେଉଥିବା କର୍ମୀମାନଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କଲେ ।

⌘⌘⌘⌘⌘⌘⌘⌘⌘⌘

## ମୋହରିର୍ (କିରାଣୀ) ରୂପେ ସେବା କରିବା ନିମନ୍ତେ ଇଚ୍ଛୁକ ପ୍ରାର୍ଥୀମାନେ ଧ୍ୟାନ ଦିଅନ୍ତୁ !

ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ରେ କିରାଣୀ ରୂପେ ସେବା କରିବା ପାଇଁ ଇଚ୍ଛୁକ ଲୋକମାନଙ୍କ ଏତଲା ନିମନ୍ତେ ଘୋଷଣା କରାଯାଉଛି ଯେ: (୧) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହେବା ଆବଶ୍ୟକ ଏବଂ ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ଅତିକମ୍‌ରେ ୧୦, +୨, ସେକେଣ୍ଡ ଡ଼ିଭିଜନ ହୋଇଥିବ ଅଥବା ୪୫% ନମ୍ବର ହାସଲ କରିଥିବେ । ଏହାଠାରୁ ଅଧିକା ଶିକ୍ଷା ଗ୍ରହଣ କରିଥିବା କ୍ଷେତ୍ରରେ ମଧ୍ୟ ଅତିକମ୍‌ରେ ସେକେଣ୍ଡେ ଡ଼ିଭିଜନ ବା ତା'ଠାରୁ ଅଧିକା ନମ୍ବର ରଖିଥିବେ । (୨) ଜାମିଆ ଅହେମଦୀୟା କାଦିଆନ୍‌ର ଶିକ୍ଷାର୍ଥୀ ଯେଉଁମାନେ ମେଟ୍ରିକ ପାଶ କରିବା ପରେ ଜାମିଆ ଅହେମଦୀୟାରେ ଅତିକମ୍‌ରେ ଦୁଇ ବର୍ଷ ଶିକ୍ଷା ଗ୍ରହଣ କରି ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବେ ସେମାନେ ମୁକରମ୍ ପ୍ରିନ୍‌ସପାଲ୍ ସାହେବ ଜାମିଆ ଅହେମଦୀୟାଙ୍କ ତସ୍‌ଦିଗ୍ ଏବଂ ସୁପାରିଷ କରିବା ପରେ ନିୟମିତ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ନିମନ୍ତେ ଥିବା ପରୀକ୍ଷାରେ ସାମିଲ ହୋଇପାରିବେ ।

ପ୍ରାର୍ଥୀ ସୁନ୍ଦର ଲେଖିପାରୁଥିବେ ଏବଂ ଉର୍ଦ୍ଦୁ Inpage କମ୍ପୋଜିଙ୍ଗ ଜାଣିଥିବେ ଏବଂ ଟାଇପ୍‌ର ଗତି ଅତିକମ୍‌ରେ ମିନିଟ୍ ପିଛା ୨୫ ଟି ଶବ୍ଦ ହୋଇଥିବା ଉଚିତ । (୪) କେବଳ ସେହି ପ୍ରାର୍ଥୀ ସେବା କରିବାପାଇଁ ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ସଦର ଅଞ୍ଜୁମନ୍‌ଙ୍କ ତରଫରୁ କିରାଣୀମାନଙ୍କ ନିମନ୍ତେ ନିଆଯାଇଥିବା ପରୀକ୍ଷା ଓ ଇଂଟରଭ୍ୟୁରେ ପାଶ୍ ହେବେ । (୫) ଯେଉଁ ବନ୍ଧୁ ସଦର ଅଞ୍ଜୁମନ୍ ଅହେମଦୀୟାରେ କିରାଣୀ ରୂପେ ସେବା କରିବା ପାଇଁ ଇଚ୍ଛୁକ ଓ ଉପରୋକ୍ତ ସର୍ତାବଳୀକୁ ପୂରଣ କରୁଥିବେ ସେମାନେ ଦରଖାସ୍ତ ଦେଇପାରିବେ । ଦରଖାସ୍ତ ଫର୍ମ ନିଜାରତେ ଦିଓ୍ୱାନ୍ ସଦର ଅଞ୍ଜୁମନ୍ ଅହେମଦୀୟା କାଦିୟାନଙ୍କ ନିକଟୁ ମଗାଇ ନିଅନ୍ତୁ । ନିଜର ଦରଖାସ୍ତକୁ ନିର୍ଦ୍ଧାରିତ ଫର୍ମକୁ ପୂରଣ କରି ନିଜାରତେ ଦିଓ୍ୱାନ୍‌ଙ୍କୁ ପଠାଇ ଦିଅନ୍ତୁ । ଦରଖାସ୍ତ ଫର୍ମ ମିଳିବାପରେ ପରୀକ୍ଷା ଅନୁଷ୍ଠିତ କରାଯିବ । ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତ ମିଳିବ ତାହା ବିଚାରକୁ ନିଆଯିବ । (୬) ଦ୍ୱିତୀୟ ଶ୍ରେଣୀ କର୍ମଚାରୀମାନଙ୍କ ନିମନ୍ତେ ଥିବା ପାଠ୍ୟସୂଚୀ ପରୀକ୍ଷା କମିଶନ୍‌ର ପ୍ରତ୍ୟେକ ବିଭାଗରେ ସଫଳ ହେବା ଜରୁରୀ ଅଟେ । ଯାହା ନିମ୍ନରେ ଦିଆଗଲା ।

* ପବିତ୍ର କୋରାନ୍ ନାଜେରା ସମ୍ପୂର୍ଣ୍ଣ, ପ୍ରଥମ ପାରା ଅନୁବାଦ ସହିତ * ଚାଲିସ୍ ଜଓ୍ୱାହିର୍ ପାରେ, ଅର୍‌କାନେ ଇସ୍‌ଲାମ୍, ନମାଜ୍ ସମ୍ପୁର୍ଣ୍ଣ ଅନୁବାଦ ସହିତ * କଶ୍‌ତି ନୁହ୍, ବରକାତୁଦ୍ ଦୁଆ. ଦିନି ମାଲୁମାତ୍ * ଅକାଇଦେ ଯମାତ୍ ଅହେମଦୀୟା * ଦୁର୍‌ରେ ସମିମ୍ ରୁ ନଜମ୍ (ଶାନେ ଇସ୍‌ଲାମ୍) * ଇଂରାଜୀ ୧୦+୨ ସ୍ତର ମୁତାବକ * ଗଣିତ ମେଟ୍ରିକ ସ୍ତରର, ସାଧାରଣ ଜ୍ଞାନ (୭) ଲିଖିତ ପରୀକ୍ଷାରେ ସଫଳ ହୋଇଥିବା ପ୍ରାର୍ଥୀଙ୍କର ଇଂଟରଭ୍ୟୁ ହେବ । ସେବାକରିବା ନିମନ୍ତେ ଇଂଟରଭ୍ୟୁରେ ସଫଳ ହେବା ଜରୁରୀ । (୮) ଲିଖିତ ପରିକ୍ଷା ଏବଂ ଇଂଟରଭ୍ୟୁ ଦୁଇଟି ଯାକରେ ସଫଳ ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ରେ ସ୍ୱାସ୍ଥ୍ୟ ଯାଚଂ କରାଇବାକୁ ହେବ ଏବଂ କେବଳ ସେହି ପ୍ରାର୍ଥୀ ସେବା କରିବାର ଯୋଗ୍ୟ ବିବେଚିତ ହେବେ ଯେଉଁମାନେ ନୂର୍ ହସ୍ପିଟାଲ୍‌ର ସ୍ୱାସ୍ଥ୍ୟ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ଘୋଷିତ ହେବେ । (୯) ଯଦି କୌଣସି ପ୍ରାର୍ଥୀକୁ ଯମାତ୍‌ର କୌଣସି ପୋଷ୍ଟରେ ଚୟନ କରାଯାଏ ତେବେ ଏ କ୍ଷେତ୍ରରେ ତାଙ୍କୁ କାଦିୟାନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ । (୧୦) କାଦିୟାନ୍ ଆସିବାର ଯାତାୟାତ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

**(ନାଜର ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍)**

**ଅଧିକ ଜାଣିବାପାଇଁ ଯୋଗାଯୋଗ କରିପାରିବେ**

**ମୋବାଇଲ୍-୯୮୭୭୧୩୮୩୪୭, ୯୬୪୬୩୫୧୨୮୦**

**ଅଫିସ୍ ଫୋନ୍- ୦୧୮୭୨୫୦୧୧୩୦**

Email: diwan@qadian.in

## ଓଡ଼ିଆ ବଦର୍‌ରେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସ୍ୱେଚ୍ଛାସେବୀ କମ୍ପୋଜରଙ୍କ ଆବଶ୍ୟକ

ଓଡ଼ିଆ ବଦର୍ ନିମନ୍ତେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱେଚ୍ଛାସେବୀ କମ୍ପୋଜର ଆବଶ୍ୟକ ହେଉଛି ତେଣୁ ଏହି ସେବା କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀ/ ପ୍ରାର୍ଥିନୀ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ ।

Manager WeeklyBadar Qadian
Ph No: +911872 224757
Mob No: +919417020616
Email: managerbadarqnd@gmail.com
Naib Editor Odia Badar
Mob: 9437128786

## ହଜୁର ଅନଓ୍ୱରଙ୍କ ଗୋଚରେ ଡ଼ାକ ଦ୍ୱାରା ଚିଠି ଲେଖୁଥିବା ଲୋକମାନଙ୍କ ପାଇଁ

## ନୂଆ ଠିକଣା

ଯମାତ୍‌ର ସଦସ୍ୟମାନେ ଜାଣିଛନ୍ତି ଯେ, ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଗତ କିଛି ସପ୍ତାହ ହେବ ମସ୍‌ଜିଦ୍ ଫଜଲ୍‌ରୁ ଆସି ନୂଆ ମର୍କଜ୍ ଇସାଲାମବାଦ ଟିଲ୍‌ଫୋର୍ଡ଼ଠାରେ ରହୁଛନ୍ତି ଯେଉଁ ଲୋକମାନେ ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ସେବାରେ ପ୍ରାର୍ଥନା ମୁଳକ ଚିଠି ଡ଼ାକ ଦ୍ୱାରା ପଠାଉଛନ୍ତି ସେମାନେ ଏବେ ନିମ୍ନଲିଖିତ ନୂଆ ଠିକଣାରେ ଚିଠି ପଠାନ୍ତୁ

Islamabad, 2, Sheephatch Lane,
Tilford Surrey GU10 2AQ
United Kingdom

## ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୁଆ ଶର୍‌ହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୁଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୁଆ ଶର୍‌ହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବଓ୍ୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁଓ୍ୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁଓ୍ୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ । (ବଦର କାର୍ଯ୍ୟାଳୟ)

ବିଭିନ୍ନ ଜାତି ସହିତ ସମ୍ବନ୍ଧ ରଖିଥିବା ଅତିଥିମାନଙ୍କ ନିମନ୍ତେ, ସେମାନଙ୍କ ଆବଶ୍ୟକତା ଓ ମିଜାଜ ମୁତାବକ ଅଲଗା ଅଲଗା ଖାଦ୍ୟ ପ୍ରସ୍ତୁତ ହୋଇଥିଲା ।

ହଜୁର ଅନୱର ଅ:ବ:ଅ ସେ ସବୁର ମଧ୍ୟ ନିରୀକ୍ଷଣ କଲେ । ଜଲ୍ସା ସାଲାନାକୁ ଆସୁଥିବା ହଜାର ହଜାର ଅତିଥିମାନଙ୍କ ନିମନ୍ତେ ଆଜି ମାଂସ ଆଳୁ ଏବଂ ଡ଼ାଲି ତରକାରୀ ପ୍ରସ୍ତୁତ କରାଯାଇଥିଲା ଏବଂ ତା ସହିତ ସେହି ରୋଟିକୁ ମଧ୍ୟ ରଖାଯାଇଥିଲା ଯାହାକୁ ଅତିଥିମାନଙ୍କୁ ଦିଆଯିବାର ଥିଲା ।

ହଜୁର ଅନୱର ଅ:ବ:ଅ ବହୁତ ସ୍ନେହର ସହିତ ଆଳୁମାଂସ ଏବଂ ଡ଼ାଲିରୁ କିଛି ବୁନ୍ଦା ଖାଇଲେ ଏବଂ ଏ କଥାର ନିରୀକ୍ଷଣ କଲେ ଯେ ଦୁଇଟି ଯାକ ତରକାରୀ ଠିକ୍ ଭାବେ ରନ୍ଧା ହୋଇଛି ବା ସେଥିରେ କୌଣସି ପ୍ରକାରର ତ୍ରୁଟି ରହିଯାଇଛି । ହଜୁର ଅନୱର ଅ:ବ:ଅ ଖାଦ୍ୟର ମାନ ସମ୍ବନ୍ଧରେ ମୁମ୍ତଜିମ୍ ମାନଙ୍କ ସହିତ କଥା ହେଲେ ।

ଲଙ୍ଗରଖାନାର କର୍ମୀମାନେ ଗୋଟିଏ ବଡ଼ ଆକାରର କେକ୍ ପ୍ରସ୍ତୁତ କରିଥିଲେ ହଜୁର ଅନୱର ଅ:ବ:ଅ ବହୁତ ସ୍ନେହର ସହିତ ନିଜର ସେହି ଖୁଦାମ୍ ପିଲାମାନଙ୍କ ନିମନ୍ତେ କେକ୍କୁ ଅନେକ ଭାଗ କଲେ ଏବଂ ଗୋଟିଏ ଖଣ୍ଡକୁ ଖାଇଲେ ।

ଲଙ୍ଗରଖାନାର ବାହାରେ ''ଦେଗ୍ ୱାସିଙ୍ଗମେଶିନ୍'' ଲଗାଯାଇଥିଲା । ଏହି ମେଶିନ୍ ବିଗତ ୧୧ରୁ ୧୨ ବର୍ଷ ହେବ ଲଗାଯାଉଅଛି । ଏହି ମେଶିନ୍କୁ ଅହେମଦୀ ଇଞ୍ଜିନିୟରମାନେ ମିଶି ନିଜେ ପ୍ରସ୍ତୁତ କରିଛନ୍ତି । ଆରମ୍ଭରେ ଏପରି ଅବସ୍ଥା ଥିଲା ଯେ, ମେଶିନ୍ ଭିତରେ ଦେଗିଚି ରଖିବା ପରେ ଗୋଟିଏ ବଟନ୍କୁ ଦବାଇବାକୁ ପଡୁଥିଲା କିନ୍ତୁ ବିଗତ ବର୍ଷେ ଦୁଇ ବର୍ଷ ହେବ ଏଥିରେ ଉନ୍ନତି ପରିଲିକ୍ଷିତ ହୋଇଛି । ଏବେ ସେହି ବଟନ୍କୁ ଦବାଇବାକୁ ପଡୁନାହିଁ ବରଂ ଯେଉଁ କ୍ଷଣି ଦେଗିଚି ଗୁଡ଼ିକ ସଫା କରିବା ପାଇଁ ତା ମଧ୍ୟରେ ରଖାଯାଉଛି ତାହା ସ୍ୱତଃପ୍ରୁତଃ ଭାବେ କାର୍ଯ୍ୟ କରିବା ଆରମ୍ଭ କରିଦେଉଛି ଏବଂ ଦେଗିଚି ଗୁଡ଼ିକ ଧୋଇବାର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ତାହା ଆପେ ଆପେ ବାହାରକୁ ଆସୁଛି ହେରି ।

ଏହି ମେଶିନ୍ ସମ୍ବନ୍ଧରେ ହଜୁର ଅନୱର ଅ:ବ:ଅ ଅମୀର୍ ସାହେବ୍ଙ୍କ ସହିତ କଥା ହେଲେ ତା'ପରେ ଲଙ୍ଗରଖାନାର କର୍ମୀମାନେ ନିଜ ପ୍ରିୟ ଆକାଙ୍କ ସହିତ ଗ୍ରୁପ ଫାଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଲଙ୍ଗରଖାନା ନିକଟରେ ହିଁ ଖାଦ୍ୟ ଖାଇବା ପାଇଁ ଦୁଇଟି ବଡ଼ ବଡ଼ ବିଶାଳ ସାମିୟାନା ଲଗାଯାଇଥିଲା । ତା ନିକଟରେ ଚା'ଷ୍ଟଲ ମଧ୍ୟ ଥିଲା । ହଜୁର ଅନୱର ଅ:ବ:ଅ ଏହି ବ୍ୟବସ୍ଥା ଗୁଡ଼ିକୁ ଦେଖିଲେ ଓ ଏ ସମ୍ବନ୍ଧରେ ଅଫିସର ସାହେବ ଜଲ୍ସା ସାଲାନା ସମ୍ବନ୍ଧିୟ କିଛି ବିଷୟ ପଚାରି ବୁଝିଲେ ।

ଏହାପରେ ହଜୁର ଅନୱର ଅ:ବ:ଅ ପ୍ରାଇଭେଟ୍ ଟେଂଟ ଏରିଆ ଭିତରକୁ ପ୍ରବେଶ କଲେ ଓ ଟେଂଟ ଲଗାଯାଇଥିବାର ମଧ୍ୟ ଭାଗରେ ଥିବା ରାସ୍ତା ଦେଇ ଗମନ କଲେ । ରାସ୍ତାର ଦୁଇ ପାର୍ଶ୍ୱରେ ଜର୍ମାନୀର ବିଭିନ୍ନ ଯମାତଗୁଡ଼ିକରୁ ଓ ବିଭିନ୍ନ ଇଲାକାରୁ ଆସିଥିବା ଫ୍ୟାମିଲି ଗୁଡ଼ିକ ନିଜ ଟେଂଟ ନିକଟରେ ଛିଡ଼ା ହୋଇଥିଲେ ଏମାନେ ସମସ୍ତେ ନିଜର ହାତକୁ ଉପରକୁ ଉଠାଇ ହଜୁର ଅନୱର ଅ:ବ:ଅଙ୍କ ଗୋଚରରେ ସଲାମ୍ ଜଣାଇଲେ । ହଜୁର ଅନୱର ଅ:ବ:ଅ ବହୁତ ସ୍ନେହର ସହିତ ହାତକୁ ଉପରକୁ ଉଠାଇ ସେମାନଙ୍କ ସଲାମ୍ର ଉତର ଦେଉଥିଲେ ଏବଂ କେତେକଙ୍କ ସହିତ ସେହି ଟେଂଟ ସମ୍ବନ୍ଧରେ କଥା ମଧ୍ୟ ହେଲେ । ବିଭିନ୍ନ ପାର୍ଶ୍ୱରୁ ଲୋକମାନେ ଅନବରତ ସ୍ଲୋଗାନ ଲଗାଉଥିଲେ ।

ହଜୁର ଅନୱର ଅ:ବ:ଅ ଗୋଟିଏ ଟେଂଟ ନିକଟକୁ ଯାଇ ତାହାର ନିରୀକ୍ଷଣ କଲେ ଓ ସେହି ଟେଂଟରେ ରହୁଥିବା ଫ୍ୟାମିଲି ସହିତ କଥା ହେଲେ ଓ ଏକଥା ମଧ୍ୟ ପଚାରି ବୁଝିଲେ ଯେ, କେତେଜଣ ଏହି ଟେଂଟ ଭିତରେ ରହିପାରିବେ ଓ ଏହି ଟେଂଟ ଭିତରକୁ ପ୍ରବେଶ କରିବା ନିମନ୍ତେ ଗୋଟିଏ ମାତ୍ର ରାସ୍ତା ରହିଛି ବା ଆଉ କିଛି ରାସ୍ତା ଅଛି । ଟେଂଟ ଭିତରେ ନିୟମିତ ରୂପେ ଗୋଟିଏ ବେଡ଼ର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଏ ସମ୍ବନ୍ଧରେ ଫ୍ୟାମିଲି ବତାଇଲେ ଯେ ଆମର ଜଣେ ସଦସ୍ୟ ଅସୁବିଧା ଯୋଗୁଁ ଭୂମି ଉପରେ ଶୋଇପାରିବେ ନାହିଁ ସେଥିଯୋଗୁଁ ତାଙ୍କ ପାଇଁ ଆମେ ଗୋଟିଏ ସଯ୍ୟାର ବ୍ୟବସ୍ଥା କରିଛୁ । ପ୍ରାଇଭେଟ ଟେଂଟ ଲଗାଯାଇଥିବା ପ୍ରାଙ୍ଗଣର ଗୋଟିଏ ପଟେ ପ୍ରାଇଭେଟ୍ Caravan ନିମନ୍ତେ ସ୍ଥାନ ନିରୂପଣ କରାଯାଇଥିଲା । ଏହି ଟେଂଟ ଏବଂ Caravan ର ଚତୁଃପାର୍ଶ୍ୱରେ ବାଡ଼ ଲଗାଯାଇଛି ଓ ଗେଟ୍ ମଧ୍ୟ ତିଆରି କରାଯାଇଛି ଏବଂ ତା'ର ପ୍ରାଙ୍ଗଣରେ ରେଜିଷ୍ଟ୍ରେସନ୍, କାର୍ଡ଼ ଚେକିଙ୍ଗ ଏବଂ ସ୍କାନିଙ୍ଗ ହେବାପରେ ପ୍ରବେଶ କରାଯାଇପାରିବ ।

ଏହାପରେ ହଜୁର ଅନୱର ଅ:ବ:ଅ ଲଜ୍ନା ଜଲ୍ସାଗାଃ ର ବ୍ୟବସ୍ଥାକୁ ନିରୀକ୍ଷଣ କରିବା ପାଇଁ ଗଲେ । ଲଜ୍ନା ମାନଙ୍କ ପାଇଁ ଖାଦ୍ୟ ଖୁଆଇବାର ବ୍ୟବସ୍ଥା ଓ ସେମାନଙ୍କର ବଜାର ବ୍ୟବସ୍ଥା ବାହ୍ୟ ଖୋଲା ଏରିଆରେ ସାମିୟାନା ଲଗାଇ କରାଯାଇଥିଲା ଯାହାଫଳରେ ଉପସ୍ଥିତ ହଲ୍ ଭିତରେ ସେମାନଙ୍କ ଜଲ୍ସାଗାଃ ପାଇଁ ଏକ ବିରାଟ ଜାଗାକୁ ଯୋଗାଇ ଦିଆଯାଇଛି । ହଜୁର ଅନୱର ଅ:ବ:ଅ ଲଜ୍ନା ମାନଙ୍କର ବ୍ୟବସ୍ଥାର ନିରୀକ୍ଷଣ କଲେ ଏବଂ ତାଙ୍କର ସମସ୍ତ ବ୍ୟବସ୍ଥାକୁ ନିରୀକ୍ଷଣ କଲେ ଏବଂ ନିର୍ଦ୍ଦେଶ ମଧ୍ୟ ପ୍ରଦାନ କଲେ ।

ଲଜ୍ନା ଜଲ୍ସାଗାଃରେ ନାଜ୍ମା ଆଲାଙ୍କ ଅନ୍ତର୍ଗତ ୧୦ଜଣ ନାଏବ୍ ନାଜ୍ମା ଆଲା, ୫୮ ଜଣ ନାଜମାତ୍, ୭୨ ଜଣ ମୁମ୍ତଜିମାତ୍, ୩୮୬ ଜଣ ନାଏବ୍ ନାଜମାତ୍, ୧୧ ଜଣ ଇନ୍ଚାର୍ଜ ଏବଂ ୪୬୫୮ ଜଣ ସହଯୋଗକାରୀ ସେବିକା କାର୍ଯ୍ୟ ସମ୍ପାଦନ କରୁଛନ୍ତି ।

ଲଜ୍ନା ଜଲ୍ସାଗାଃର ବ୍ୟବସ୍ଥା ଗୁଡ଼ିକର ନିରୀକ୍ଷଣ କରିବାପରେ ହଜୁର ଅନୱର ଅ:ବ:ଅ ଏମ୍ଟିଏ ଷ୍ଟୁଡ଼ିଓରେ ନିରୀକ୍ଷଣ କଲେ । ଏବଂ ଏମ୍ଟିଏ ୩ ଅଲ୍ଆରବୀୟା ଟିମ୍ ସହିତ ବହୁତ ସ୍ନେହର ସହିତ କଥା ହେଲେ ।

ଏହାପରେ ହଜୁର ଅନୱର ଅ:ବ:ଅ ଏମ୍ଟିଏର ସାମିୟାନା ଭିତରକୁ ପ୍ରବେଶ କଲେ ଯେଉଁଠି ଏମ୍ଟିଏ ର ବିଭିନ୍ନ ବିଭାଗ ସ୍ଥାପନ କରାଯାଇଛି । ଏଠାରେ ଏମ୍ଟିଏ ଅନ୍ତର୍ଗତ ଭିନ୍ନ ଭିନ୍ନ ପ୍ରୋଜେକ୍ଟସ୍ ବନାଯାଉଛି ଗ୍ରାଫିକ୍ସ ଏବ ଏଡ଼ିଟିଙ୍ଗ ର ବିଭାଗ ମଧ୍ୟ ଏହିଠାରେ କାର୍ଯ୍ୟ କରୁଛନ୍ତି ।

ଏହାପରେ ହଜୁର ଅନୱର ଅ:ବ:ଅ ପୁସ୍ତକ ଭଣ୍ଡାର ଓ ଷ୍ଟଲ୍ ଗୁଡ଼ିକର ନିରୀକ୍ଷଣ କଲେ ଏଠାରେ ବିଭିନ୍ନ ମେଜ୍ ଏବଂ ଷ୍ଟାଣ୍ଡ ଉପରେ ବହୁତ ଶୃଙ୍ଖଳିତ ଓ କ୍ରମ ଅନୁସାରେ ପୁସ୍ତକ ଗୁଡ଼ିକ ରଖାଯାଇଥିଲା । ଏହାପରେ ପୁସ୍ତକଗୁଡ଼ିକୁ ହାସଲ କରୁଥିବା ଲୋକମାନେ ସହଜରେ ନିଜ ମନ ପସନ୍ଦର ପୁସ୍ତକକୁ ହାସଲ କରିପାରିବେ ।

ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.4 Thursday 07 Nov 2019 Issue No. 45

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ସୟଦନା ହଜରତ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ ଖାମିସ୍ ଅ:ବ:ଅଙ୍କ ଜର୍ମାନୀ ଗସ୍ତ (ଜୁଲାଇ ୨୦୧୯)

**୨ ଜୁଲାଇ ୨୦୧୯**

**(ମଙ୍ଗଳବାର) ଇସଲାମାବାଦ୍‌ରୁ ଯାତ୍ରା ଆରମ୍ଭ କରି ଫ୍ରାଙ୍କଫଟ୍ ଠାରେ ପର୍ଦାପଣ**

ଆଜିର ଏହି ଦିନଟି ଏହି ଦୃଷ୍ଟିକୋଣରୁ ଏକ ଐତିହାସିକ ପୃଷ୍ଠଭୂମି ରଖିଥିବା ଗୁରୁତ୍ୱପୂର୍ଣ୍ଣ ଦିନ ଅଟେ ଯେ, ଯମାତ୍ ଅହେମଦୀୟାର ନୂଆ ମର୍କଜ "ଇସଲାମାବାଦ" ୟୁକେ ଠାରୁ ହଜୁର ଅନଓ୍ୱର ଅ:ବ:ଅଙ୍କ କୌଣସି ଦେଶକୁ ଯାତ୍ରା କରିବାର ଏହା ପ୍ରଥମ ଗସ୍ତ ଥିଲା ।

ହଜୁର ଅନଓ୍ୱର ଅ:ବ:ଅ ଜର୍ମାନୀ ଯାତ୍ରା କରିବା ନିମନ୍ତେ ପ୍ରୋଗ୍ରାମ ମୁତାବକ ସକାଳ ୧୦ଟା ସମୟରେ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ । ହଜୁର ଅନଓ୍ୱର ଅ:ବ:ଅଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବା ପାଇଁ ସକାଳୁ ହିଁ ଯମାତର ସଦସ୍ୟମାନେ ଅର୍ଥାତ ଯମାତର ପୁରୁଷ ଓ ମହିଳାମାନେ ଆବାସସ୍ଥଳୀର ବାହ୍ୟ ପ୍ରାଙ୍ଗଣରେ ଏକତ୍ରୀତ ହୋଇଥିଲେ । ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ଲୋକମାନଙ୍କ ଗହଣରେ ସମୟ ବିତାଇଲେ ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରୀୟ ମୁନୀବଙ୍କ ଦର୍ଶନ କରୁଥିଲେ । ହଜୁର ଅନଓ୍ୱର ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ଉପସ୍ଥିତ ସମସ୍ତ ଲୋକମାନଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲେ ଏବଂ ଇଜିତିମାଇ (ସାମୁହିକ) ଦୁଆ କରାଇଲେ । ଏହାପରେ ପାଂଚଟି ଗାଡ଼ିରେ ଆଧାରିତ କାଫିଲା ବ୍ରିଟେନ୍‌ର ଗୋଟିଏ ସମୁଦ୍ର କୂଳ ସହର Dover ଆଡ଼କୁ ଯାତ୍ରା ଆରମ୍ଭ କଲା Dover ହେଉଛି ବ୍ରିଟେନ୍‌ର ଏକ ପ୍ରସିଦ୍ଧ ବନ୍ଦର । ଲଣ୍ଡନ ଓ ତା ଆଖପାଖ ଇଲାକାରେ ବସବାସ କରୁଥିବା ଓ ଆଖପାଖ ଇଲାକାର ସହରରେ ରହୁଥିବା ଲୋକମାନେ ୟୁରୋପର ଯାତ୍ରା ଏହି ବନ୍ଦର ମାଧ୍ୟମରେ Ferries ଜରିଆରେ କରୁଥିଲେ । Dover ସହରଠାରୁ ୧୧ ମାଇଲ ପୂର୍ବେ Folkestone ଇଲାକାରେ ଉକ୍ତ ପ୍ରସିଦ୍ଧ Channel Tunnel ରହିଛି ଯାହା ବ୍ରିଟେନ୍ ଏବଂ ଫ୍ରାନ୍ସର ସମୁଦ୍ର ତଟରେ ଥିବା ଇଲାକା ସହିତ ଆପୋଷରେ ମିଶାଇଥାଏ । ସେହି ଟନେଲ୍ ଜରିଆରେ କାର୍ ଓ ଅନ୍ୟାନ୍ୟ ବଡ଼ବଡ଼ ଗାଡ଼ିଗୁଡ଼ିକ ଯାତ୍ରୀ ସମେତ ଟ୍ରେନ ଯୋଗେ ଫ୍ରାନ୍ସର ସମୁଦ୍ର କୂଳରେ ଥିବା ସହର Calais ପର୍ଯ୍ୟନ୍ତ ପହଂଚିଥାଏ । ଆଜିର ଏହି ଯାତ୍ରା ମଧ୍ୟ ଉକ୍ତ ଚ୍ୟାନେଲ୍ ଟନେଲ ମାଧ୍ୟମରେ ହେବାର ଥିଲା ।

ଇସାଲାମାବାଦ (ୟୁକେ)ରୁ ମୁକରମ୍ ମନ୍‌ଶୁର୍ ଶାହା ସାହେବ୍ (ନାଏବ୍ ଅମୀର ୟୁକେ), ମୁକରମ୍ ଅତାଉଲ୍ ମୁଜିବ୍ ରାଶିଦ୍ ସାହେବ୍ (ମୁବଲିଗ୍ ଇନ୍‌ଚାର୍ଜ ୟୁକେ), ମୁକରମ୍ ଏଜାଜୁର୍ ରହମାନ୍ ସାହେବ (ସଦର ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ୟୁକେ), ମୁକରମ୍ ମୁବାରକ୍ ଅହେମଦ୍ ଜଫର୍ ସାହେବ (ଆଡ଼ିସ୍‌ନାଲ୍ ଓ୍ୱକିଲୁଲ୍ ମାଲ୍ ଲଣ୍ଡନ), ମୁକରମ୍ ନାସିର୍ ଇନ୍‌ଆମ୍ ସାହେବ (ପ୍ରିନ୍ସପାଲ୍ ଜାମିୟା ଅହେମଦିୟା ୟୁକେ), ମୁକରମ୍ ଇଖ୍‌ଲାକ୍ ଅହେମଦ୍ ଅଞ୍ଜୁମ୍ ସାହେବ (ଓ୍ୱକାଲତେ ତବ୍‌ଶିର୍) ଏବଂ ମୁକରମ୍ ସଦର ସାହେବ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦିୟା ୟୁକେ ନିଜ ଖୁଦାମ୍‌ଙ୍କ ସିକ୍ୟୁରିଟି ଟିମ୍ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବାପାଇଁ ଚ୍ୟାନେଲ୍ ଟନେଲ୍ ପର୍ଯ୍ୟନ୍ତ କାଫିଲା ସଙ୍ଗେ ଆସିଥିଲେ । ପାଖାପାଖି ୧ ଘଂଟା ୪୦ ମିନିଟ୍ ଯାତ୍ରା କରିବା ପରେ ଚ୍ୟାନେଲ୍ ଟନେଲ୍ ପଂହଚିଲା । ଇସାଲାମାବାଦରୁ ସାଙ୍ଗରେ ଆସିଥିବା ଯମାତ୍‌ର ସଦସ୍ୟମାନେ ନିଜ ପ୍ରୀୟ ଆକାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଲା ।

ତା'ପରେ ଇମିଗ୍ରେସନ ଏବଂ ଅନ୍ୟାନ୍ୟ ଯାତ୍ରା ସମ୍ବନ୍ଧିୟ କାର୍ଯ୍ୟ ସମ୍ପାଦନ ହେବା ପରେ କିଛି ସମୟ ପାଇଁ ହଜୁର ଅନଓ୍ୱର ଅ:ବ:ଅ ଗୋଟିଏ ସ୍ପେଶାଲ୍ ଲଞ୍ଜ ଭିତରେ ରହିଲେ । ପାଖାପାଖି ୧୨:୩୫ ମିନିଟ୍‌ରେ କାଫିଲାର ଗାଡ଼ି ଗୁଡ଼ିକ ଟ୍ରେନ ଉପରେ ଲଦା ଗଲା । ଟ୍ରେନ୍‌ଟି ୧୨:୫୦ ମିନିଟ୍‌ରେ ଘଂଟା ପ୍ରତି ୧୪୦ କି.ମି ବେଗରେ ଫ୍ରାନ୍ସର ସମୁଦ୍ରକୂଳ ସହର କାଲାଇସ୍ ଆଡ଼କୁ ଯାତ୍ରା ଆରମ୍ଭ କଲା । ଏହି ଟନେଲ୍‌ଟିର ମୋଟ ଲମ୍ବ ୩୧ ମାଇଲ୍ ଓ ସେଥିମଧ୍ୟରୁ ୨୪ ମାଇଲ୍ ସମୁଦ୍ର ତଳେ ରହିଛି । ଏହି ଟନେଲ୍‌ର ଗଭୀରତମ ଭାଗଟି ସମୁଦ୍ର ପତନଠାରୁ ୭୫ ମିଟର ଅର୍ଥାତ ୨୫୦ ଫୁଟ୍ ତଳେ ରହିଛି । ଏ ପର୍ଯ୍ୟନ୍ତ ସମୁଦ୍ର ତଳେ ତିଆରି ହୋଇଥିବା ଟନେଲ୍‌ମାନଙ୍କ ମଧ୍ୟରୁ ଏହି ଟନେଲ୍‌ଟି ପୃଥିବୀର ସବୁଠାରୁ ବଡ଼ ଟନେଲ୍ ଅଟେ ।

ପାଖାପାଖି ଅଧଘଂଟା ଯାତ୍ରା କରିବା ପରେ ଫ୍ରାନ୍ସର ସ୍ଥାନୀୟ ସମୟ ମୁତାବକ ୨:୨୦ ମିନିଟରେ ଟ୍ରେନ୍‌ଟି ଫ୍ରାନ୍ସର ସମୁଦ୍ରକୁଳରେ ଥିବା ସହର କାଲାଇସ୍‌ଠାରେ ପଂହଚିଲା (ଫ୍ରାନ୍ସର ସମୟ ହେଉଛି ବ୍ରିଟେନର୍ ସମୟଠାରୁ ଏକ ଘଂଟା ଆଗୁଆ) । ଟ୍ରେନ ରହିବାର ପାଖାପାଖି ପାଂଚ ମିନିଟ୍ ପରେ ଗାଡ଼ିଗୁଡ଼ିକ ଟ୍ରେନ୍‌ରୁ ବାହାରକୁ ବାହାରିଲେ ଏବଂ ମୋଟରଓ୍ୱେରେ ଯାତ୍ରା ଆରମ୍ଭ ହେଲା ।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ମୁତାବକ ଏଠାରୁ କିଛି କିଲୋମିଟର ଦୁରତାରେ ଅବସ୍ଥିତ ଗୋଟିଏ ପେଟ୍ରୋଲପମ୍ପର ପାର୍କିଙ୍ଗ ଏରିଆଠାରେ ଫ୍ରାନ୍ସ ଯମାତ୍‌ରୁ ଆସିଥିବା ପ୍ରତିନିଧିମାନେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବାର ପ୍ରୋଗ୍ରାମ ଥିଲା । ଫ୍ରାନ୍ସରୁ ମୁକରମ୍ ଅଶ୍‌ଫାକ୍ ରବ୍‌ବାନୀ ସାହେବ ଅମୀର ଯମାତ୍ ଫ୍ରାନ୍ସ, ମୁକରମ୍ ମୁହମ୍ମଦ୍ ଅସଲମ୍ ଦୁବୁରି ସାହେବ୍ ନାଏବ୍ ଅମୀର ଫ୍ରାନ୍ସ, ମୁକରମ୍ ନସିର୍ ଅହେମଦ୍ ଶାହିଦ୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଜ ଫ୍ରାନ୍ସ, ମୁକରମ୍ ଫହିମ୍ ଅହେମଦ୍ ମିଆଜ୍ ସାହେବ ନ୍ୟାସନାଲ୍ ଜେନେରାଲ୍ ସେକ୍ରେଟାରୀ, ମୁକରମ୍ ହସ୍‌ନୈନ୍ ଶାହା ସାହେବ୍ (ନୌମୁବାଏ) ଏବଂ କାଏମ୍ ମୁକାମ୍ (ଅସ୍ଥାୟୀ କାର୍ଯ୍ୟନିର୍ବାହୀ) ସଦର୍ ଖୁଦାମୁଲ୍ ଅହେମଦିୟା ଫ୍ରାନ୍ସ ମୁକରମ୍ ଅସଦ୍ ଓ୍ୱସିମ୍ ସାହେବ୍ ନିଜ ଖୁଦାମ୍‌ଙ୍କ ସହିତ ପ୍ରୀୟ ଆକାଙ୍କୁ ସ୍ୱାଗତମ୍ କହିବା ପାଇଁ ଉପସ୍ଥିତ ଥିଲେ ।

ଯେବେ କି ଜର୍ମାନୀରୁ ମୁକରମ୍ ଅବଦୁଲ୍ଲାଃ ଓ୍ୱାଗସ୍ ହାଉଜର୍ ସାହେବ୍ ଅମୀର ଯମାତ୍ ଜର୍ମାନୀ, ମୁକରମ୍ ସଦାଗତ୍ ଅହେମଦ୍ ସାହେବ ମୁବଲିଗ୍ ଇନ୍‌ଚାର୍ଜ ଜର୍ମାନୀ, ମୁକରମ୍ ଜରିଉଲ୍ଲାଃ ସାହେବ୍ ନାଏବ୍ ଜେନେରାଲ୍ ସେକ୍ରେଟାରୀ ଜର୍ମାନୀ, ମୁକରମ୍ ୟାହାୟା ଜାହିଦ୍ ସାହେବ୍ ଆସିଷ୍ଟାଂଟ୍ ଜେନେରାଲ୍ ସେକ୍ରେଟାରୀ, ମୁକରମ୍ ଡ଼ାକ୍ତର ଅତ୍‌ହର୍ ଜୁବୈର୍ ସାହେବ୍, ମୁକରମ୍ ଅବଦୁଲ୍ଲାଃ ସପ୍‌ରା ସାହେବ୍ ଏବଂ ମୁକରମ୍ ଅହେମଦ୍ କମାଲ୍ ସାହେବ ସଦର ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଜର୍ମାନୀ ନିଜ ଖୁଦାମ୍‌ଙ୍କ ସିକ୍ୟୁରିଟି ସମେତ ନିଜର ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇବା ପାଇଁ ଉପସ୍ଥିତ ଥିଲେ । ଏଠାରେ ପହଂଚିବା ପରେ ବିନା ରହଣୀରେ ଯାତ୍ରା ଜାରି ରହିଲା

ପ୍ରୋଗ୍ରାମ ମୁତାବକ କିଛି କିଲୋମିଟର ଯାତ୍ରା କରିବା ପରେ ମୋଟରଓ୍ୱେ ଉପରେ ହିଁ ଅବସ୍ଥିତ ହଲିଡ଼େଇନ୍ ହୋଟେଲ୍‌ରେ ଜୋହର୍ ଏବଂ ଅସର୍ ନାମଜ ପାଠ କରିବାର ବ୍ୟବସ୍ଥା ଓ ଦ୍ୱିପ୍ରହର ଖାଦ୍ୟ ଗ୍ରହଣ କରିବାର ବ୍ୟବସ୍ଥା କରାଯାଇଥିଲା । ଫ୍ରାନ୍ସର ଯମାତ୍ ଏହି ବ୍ୟବସ୍ଥାର ଆୟୋଜନ କରିଥିଲା ।

ଦ୍ୱିପ୍ରହର ଠିକ୍ ୨;୪୦ ମିନିଟ୍‌ରେ ସେଠାରେ କାଫିଲା ପହଂଚିଲା । ଯେଉଁ କ୍ଷଣି ହଜୁର ଅନଓ୍ୱର ଅ:ବ:ଅ ଗାଡ଼ିରୁ ବାହାରକୁ ବାହାରିଲେ ସେହି କ୍ଷଣି ମୁକରମ୍ ଅମୀର ସାହେବ ଫ୍ରାନ୍ସ ଅଶ୍‌ଫାକ୍ ରବ୍‌ବାନୀ ସାହେବ୍, ନାଏବ୍ ଅମୀର୍ ଫ୍ରାନ୍ସ ଅସଲମ୍ ଦୁବୁରି ସାହେବ୍, ମୁବ୍‌ଲିଗ୍ ଇନ୍‌ଚାର୍ଜ ଫ୍ରାନ୍ସ ନସିର୍ ଅହେମଦ୍ ଶାହିଦ୍ ସାହେବ୍, ଜଣେ ନୂଆ ଅହେମଦୀ ବନ୍ଧୁ ହସ୍‌ନୈନ୍ ଶାହା ସାହେବ୍ ଏବଂ ମୁକରମ୍ ସଦର୍ ସାହେବ୍ ଖୁଦାମୁଲ୍ ଅହେମଦୀୟା ନିଜ ପ୍ରୀୟ ଆକାଙ୍କ ସହିତ କରମର୍ଦ୍ଦନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଜୋହର୍ ଏବଂ ଅସର୍ ନାମଜ୍ ପାଠ କରିବା ନିମନ୍ତେ ହୋଟେଲ୍‌ର ଗୋଟିଏ ଅଲଗା କୋଠରୀ ଭିତରେ ବ୍ୟବସ୍ଥା କରାଯାଇଥିଲା । ହଜୁର ଅନଓ୍ୱର ଅ:ବ:ଅ ଠିକ୍ ତିନିଟା ସମୟରେ ସେଠାରେ ପର୍ଦାପଣ କରି ଜୋହର୍ ଏବଂ ଅସର୍ ନାମଜ ଯମା କରି ପଢ଼ାଇଲେ । ନାମଜ୍ ପାଠ ପରେ ଓ ଦ୍ୱିପ୍ରହରର ଖାଦ୍ୟ ଗ୍ରହଣ ପରେ ଏଠାରୁ ଆଗକୁ ଫ୍ରାଙ୍କର୍ଫଟ ନିମନ୍ତେ ଯାତ୍ରା କରିବାର ପ୍ରୋଗ୍ରାମ ରଖାଯାଇଥିଲା । ଯାତ୍ରା ପୂର୍ବରୁ ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ କିଛି ସମୟ ପାଇଁ ଅମୀର୍ ସାହେବ୍ ଫ୍ରାନ୍ସଙ୍କ ସହିତ ବିଭିନ୍ନ କାର୍ଯ୍ୟ ପ୍ରସଙ୍ଗରେ ବାର୍ତାଳାପ କଲେ । ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଇଜ୍‌ତିମାଇ ଦୁଆ କରାଇଲେ ଓ ୩:୫୦ ମିନିଟ୍‌ରେ ଫ୍ରାଙ୍କର୍ଫଟ (ଜର୍ମାନୀ) ନିମନ୍ତେ ଯାତ୍ରା ଆରମ୍ଭ ହେଲା । କାଲାଇସ୍ ଠାରୁ ୫୫ କି.ମି ଯାତ୍ରା କରିବା ପରେ ଏହା ଫ୍ରାନ୍ସର ସୀମା ପାର ହୋଇ ବେଲ୍‌ଜିୟମ୍ ଦେଶରେ ପ୍ରବେଶ ହେଲା ଏବଂ ରାସ୍ତାରେ ଆଖେନ୍ ନାମକ ସ୍ଥାନରେ ପାଖାପାଖି ୭:୩୦ ସମୟରେ ବେଲ୍‌ଜିୟମ୍ ସୀମା ପାର କରି ଜର୍ମାନୀରେ ପ୍ରବେଶ କଲେ । ପୂର୍ବ ନିର୍ଦ୍ଧାରିତ ପ୍ରୋଗ୍ରାମ ମୁତାବକ ଆଖେନ୍ ସହରଠାରେ ବସବାସ କରୁଥିବା ମୁକରମ୍ ସିଦ୍ଦିକ୍ ଅହେମଦ୍ ଡ଼ୋଗର୍ ସାହେବଙ୍କ ଘରକୁ ଯିବାର ପ୍ରୋଗ୍ରାମ ରଖାଯାଇଥିଲା । ଠିକ୍ ୭:୪୦ ମିନିଟ୍‌ରେ ମୁକରମ୍ ସିଦ୍ଦିକ୍ ଅହେମଦ୍ ଡ଼ୋଗର୍‌ଙ୍କ ଘରେ ପଦାର୍ପଣ କଲେ । ମୋକରମ୍ ସିଦ୍ଦିକ୍ ଅହେମଦ୍ ଡ଼ୋଗର୍ ସାହେବ ଚା'ପାଣିର ବ୍ୟବସ୍ଥା କରିଥିଲେ ।

ଏଠାରେ କିଛି ସମୟ ରହଣି ପରେ ଠିକ୍ ୮:୫୦ ମିନିଟରେ ଫ୍ରାଙ୍କର୍ଫଟ ନିମନ୍ତେ ବାହାରିଲେ ଓ ଆଗକୁ ଯାତ୍ରା ଜାରି ରହିଲା । ଏହିପରି କାଲାଇସ୍ ଠାରୁ ଫ୍ରାଙ୍କର୍ଫଟ ପର୍ଯ୍ୟନ୍ତ ମୋଟାମୋଟି ଉଣା ଅଧିକେ ୬୦୦ କି.ମି ର ଯାତ୍ରା ଅତିକ୍ରମ କରିବା ପରେ ଠିକ୍ ୧୦:୩୦ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ଜର୍ମାନୀ ଯମାତ୍‌ର ମର୍କଜ୍ "ବଇତୁସ୍ ସବୁହ୍" ଫ୍ରାଙ୍କର୍ଫଟଠାରେ ପର୍ଦାପଣ କଲେ ।

ବଇତୁସ୍ ସବୁହ୍ ଠାରେ ପଦାର୍ପଣ କରିବା ପରେ ଯେଉଁ କ୍ଷଣି ହଜୁର ଅନଓ୍ୱର ଅ:ବ:ଅ କାର୍‌ରୁ ବାହାରକୁ ବାହାରିଲେ ଫ୍ରାଙ୍କର୍ଫଟ ସହର ଏବଂ ତା ଆଖପାଖ ଯମାତ୍‌ଗୁଡ଼ିକରୁ ସେହିପରି ସମଗ୍ର ଜର୍ମାନୀର ବିଭିନ୍ନ ସହରରେ ବସବାସ କରୁଥିବା ଯମାତ୍‌ର

*ଅବଶିଷ୍ଟାଂଶ ପୃଷ୍ଠା- ୦୭ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan